# କୋସଲି ସାହିତ୍ୟର ଇତିହାସ




ସାକେତ ଶ୍ରୀଭୂଷଣ ସାହୁ

# କୋସଲି ସାହିତ୍ୟ ର ଇତିହାସ

ସାକେତ ସ୍ରିଭୁସଣ ସାହୁ

ବେନି ପବ୍ଲିକେସନ୍ସ

**KOSALI SAHITYA RA ITIHAS**

Saket Sreebhushan Sahu

Cover: Saket Sreebhushan Sahu
Published by Beni Publications
First Edition: April 2017

©Author

All rights reserved. No part of this publication may be reproduced, stored in a retrieval system, or transmitted, in any form or by any means, without the prior permission in writing of the author/publisher or as expressly permitted by law, or under terms agreed with the appropriate reprographics right organisation.

**କୋସଲି ସାହିତ୍ୟ ର ଇତିହାସ**

ସାକେତ ସ୍ରିଭୁସଣ ସାହୁ

ମଲାଟ - ସାକେତ ସ୍ରିଭୁସଣ ସାହୁ
ପ୍ରକାସକ:  ବେନି ପବ୍ଲିକେସନ୍ସ
ପହେଲା ସଂସ୍କରଣ ଏପ୍ରିଲ ୨୦୧୭

©ଲେଖକ

# ସୁଚିପତ୍ର

ମୁଁହଡା
୧) ପରିଚୟ
୨) ଚର୍ଯ୍ୟାଗିତି: କୋସଲି ର ପହେଲା ଲିଖିତ ସାହିତ୍ୟ
୩) ଡଁଡ
୪) ଲୋକ ସାହିତ୍ୟ ରେ କୋସଲି ର ଧାର
୪.୧) ଛୁଆକର ଗିତ
୪.୨) କବାର/ହଲିଆ ଗିତ
୪.୩) ପ୍ରେମ ଗିତ
୪.୪) ତିହାର-ବା'ର
.୪୫) ବିହା ବରପନ ଗିତ
୪.୬) ମରନ ଗିତ
୪.୭) ଖେଲ ଗିତ
୪.୮) ଲୋକ କଥା
୪.୯) ମଂତ୍ର ସାହିତ୍ୟ
୫) ଆଦି କବି ଜୁଗ ଦାସ
୬) ସ୍ୱାଧିନତା ଆଘୋର କୋସଲି ସାହିତ୍ୟ
୭) ସ୍ୱାଧିନତା ର ଉତାରୁ

# ମୁହଁଡା

ଗୁଟେ ଭାସା ଗୁଟେ ଜାତି ର ପରିଚୟ ଏ । ଗୁଟେ ସଂସ୍କୃତି ର ପରିବାହକ ଏ । ଦୁଇ କୋଟି କୋସଲି ଲୋକର ମାତୃଭାସା ଏଜ ଭିନ ଭିନ ଭୌଗୋଲିକ, ରାଜନୈତିକ କାରଣରୁ ତାର ଥିତି କେ ଜାହିର କରବାର କେ ଲେଡବେଡେଇ ଜଉଛେ । ଦିନେ ଦିନେ ଆଁଖଲ ଥେବେ ନେଇଁ ।

ପଣ୍ଡିତ ପ୍ରୟାଗଦତ ଜୋଷିଂକୁ କେଭେ ନେଇଁ ଭେଟି, ହେଲେ ଜେତେବେଳେ ତାଂକର "କୋଶଲୀ ଭାଷାର ସଂକ୍ଷୀପ୍ତ ପରିଚୟ" ର ଚିରା ଜେରକ୍ସ କପି ଟେ ପାଏଲିଁ ହେନ୍ତା ଆଁଖଲ ବୁହି ଆସିଥିଲେ । ପ୍ରାକକଥନ ପଢଲେ ପଣ୍ଡିତ ଜୋଷୀଂକର ପ୍ରତି ବେଭାର ଆର ତଥାକଥିତ ଓଡିଆ ବୁଦ୍ଧିଜିବି ମାନକର ମନୋଭାବ ଜନା ପଡିଜାଏସି । ଏଜ ବି କୋସଲି ପ୍ରତି ଓଡିଆ ବୁଦ୍ଧିଜିବିକର ମନୋଭାବ ଟିକେ ବି ନି ବଦଲି । କାଣା କୋସଲି କେ ସାମ୍ବିଧାନିକ ସ୍ୱିକୃତି ମିଲିଗଲେ ଓଡିଆ ଭାସାର କିଛି ଊନା ହେଇଜିବା କାଏଁ ? ଇ କଥା ଟା ମୁଇଁ ବୁଝି ନି ପାରେଁ ! ଓଡିଆ ର ସଂବୃଦ୍ଧି କି ପତନ ଲାଗି ଓଡିଆମାନେ ଦାଇ ହେବେ ଆର କୋସଲି ର ଲାଗି କୋସଲି ମାନେ ।

କୋସଲି ଭାସା ସମ୍ବିଧାନର ଅସ୍ଟମ ସୁଚିରେ ସାମିଲ ହେବାର ଉଚିତ ଭାବିକରି ଭାସା କମିସନର ୩୮ ଟା ଭାସା ଭିତରେ କୋସଲି କେ ରଖଲେ; ସେ ବି ଝନେ ଓଡିଆ । ଓଡିଶାର ମୁଖ୍ୟମଂତ୍ରି ବି ସିଫାରିସ କଲେ କୋସଲି କେ ସାମ୍ବିଧାନିକ ମାନ୍ୟତା ମିଲୁ ବଲି; ସେ ବି ଝନେ ଓଡିଆ । ହେଲେ ଓଡିଶାରେ ଓଡିଆ ବୁଦ୍ଧିଜିବି ମାନକର ପ୍ରକାର ଭେଦ କେତନି; ଗୁଟେ ସ୍କେଲ ରେ ଉଦାର ଆର ଅଁହକାରିଆ ।

କୋସଲି ରେ ରାମାୟଣ, ମହାଭାରତ, ମେଘଦୁତ, ଭାଗବତ ଗିତା, ଭାସାକୋସ, ଆର ଏନ୍ତା କେତେ ଗ୍ରନ୍ଥ ରଚନା ହେଇସାରଲା ନ ଆର କେତନି ଲେଖା ଚାଲିଛେ । ମୋର ମନ ଭିତରେ ଦିନେ ଏନ୍ତା ଖିଆଲ ଆଏଲା, ଆମର

ସାହିତ୍ୟ ର ଇତିହାସକେ ସାଁଟିବାର ଲାଗି । ୨୦ ଜୁଲାଇ ୨୦୧୨ କେ କାମ ମୁଲ କରିଦେଲିଁ ।

୨୦୧୦ ଡିସେମ୍ବର ରେ ଭୁବନେସ୍ୱର ନ ଲଲିତ କଲା ଏକାଡେମିର ସଭାପତି ସ୍ରିମାନ ରଥଂକର ଘରେ ଭୁବନେସ୍ୱର ନ ରହୁଥିବା ପସଚିମ ଓଡିସାର ବୁଦ୍ଧିଜିବି ମାନକର ସାଂଗେ ଭେଟ ପଡଲୁଁ । ସେନ ଶଶାଂକ ଶେଖର ପଣ୍ଡା ଆଗ୍ୟା ତାଂକର ସଂପାଦିତ "ପଶ୍ଚିମ ଓଡିଶାର ଗୀତି କବିତା" ବହି ଦେଇଥିଲେ । ଆର ଦିନେ ଡ. ଚିତ୍ରସେନ ପଶାୟତ ଆଗ୍ୟାଁ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଫିସ ନ ତାଂକର ସଂକଲିତ ଆର ସଂପାଦିତ "ପଶ୍ଚିମ ଓଡିଶାର ଲୋକଗୀତ" ବହି ଦେଲେ ଆର ଗପି ସାରଲା ଉତାରୁ ମୋର ରହେବାର ଠାନ ତକ ତାଂକର ସ୍କୁଟର ଥି ଆନି ଛାଡିଥିଲେ । ପଶ୍ଚିମ ଓଡିଶାର ଗୀତି କବିତା ହିଁ ଆମର ସାହିତ୍ୟ ବିସେନେ ଆର ଆଗକେ ନୁରବାର କେ ତହଁକାଲା । ସ୍ୱାଧିନତା ଆଘୋର ଆର ସ୍ୱାଧିନତା ପରର କଥା ପ୍ରାୟ ଇ ବହି ରୁ ହିଁ ମିଲିଗଲା । ନବେ ଦସକ ନୁ ଇଆଡକେ କୋସଲି ସାହିତ୍ୟ ରେ ନିଜେ ସାମିଲ ଅଛେ, ଜାନିଛେଁ ।

ଚର୍ଯ୍ୟାଗିତି କେ ପହେଲା ସାହିତ୍ୟ ବଲି ଲେଖବାର ଆଘୋନୁ, ଡ.ଅର୍ଜୁନ ପୁରୋହିତ, ଡ. ଦୋଲଗୋବିନ୍ଦ ବିଶୀ, ପ୍ରଫେସର ହୃଦମଣି ପ୍ରଧାନଂକର ସାଂଗେ ଆଲୋଚନା କଲିଁ । ସବେ ଠିକ ହେବା ବଏଲେ । ଚର୍ଯ୍ୟାଗିତି ବିସେନେ ବିସେସ ତଥ୍ୟ ଡ. ଗୋପିନାଥ ବାଗ, ଓଡିଆ ବିଭାଗ, ସମ୍ବଲପୁର ବିସ୍ୱବିଦ୍ୟାଳୟ ଦେଲେ । ଚୟାଗିତି ଉତାରୁ ଡଣ କେ ଜୁଡଲିଁ "ବେନି" ଥି ବାହାରିଥିବା ପୁରୋଷୋତମ ମିଶ୍ରଂକର ଲେଖାନୁ । ଡଣ ଉତାରୁ, ଲୋକ ସାହିତ୍ୟ ରେ କୋସଲି ର ଧାର । ସେନ  ନିମାଇଁ ଚରଣ ପାଣିଗ୍ରାହୀ ଆଗ୍ୟାଂକର ଛୁଆକର ଲୋକ ସାହିତ୍ୟ (ବେନି ଥି ପ୍ରକାସିତ) ତାହାଂକୁ ପଚରେଇ କରି ନେଲିଁ । ହଲିଆ ଗିତ, ଡ. ସୁବାସ ମେହେରଂକର ଠାନୁ । ବାକି ବଡଭାଗି ଡ. ଚିତ୍ରସେନ ପଶାୟତଂକର ସଂକଲିତ ଆର ସଂପାଦିତ "ପଶ୍ଚିମ ଓଡିଶାର ଲୋକଗୀତ" ନୁ ନେଇଛେଁ । ୨୦୧୦ ଅଗସ୍ଟ ୧୪, ବରଗଡୁଁ


ହଲଧର ଆଗ୍ୟାଁ, କେସ ଆଗ୍ୟା ଆର ମୁଇ ଫିରିଥଉଁ "ବେନି"ର ପହେଲା ଭାଗ ଉନ୍ମୋଚନ ସାରିକରି । ବାଟେ କେସ ସାର ଜୁଗ ଦାସଂକର କଥା କହିଥିଲେ । କବି ଭାଇ ଭଗବାନ ମଲ୍ଲିକ ନୁ ବଂଧୁ କୈଲାସ କୁମ୍ଭାର ବହି ମଗେଇଦେଲେ । ଇତାର ବାହାରେ ଆର ବି କେତେ କଥା ବୁଝବାର କେ ଡ.ଦୋଲଗୋବିନ୍ଦ ବିଶୀ, ପ୍ରଫେସର ହୃଦମଣି ପ୍ରଧାନଂକର ସହଜୋଗ ମଝି ମଝି ଫୋନ କରି କରି ନେଇଛେଁ ।

ତଥାପି ଟିକିନିଖି ଭାବେ ଇହାଦେତକ ବି ସଁକଲି ନି ପାରବାର ତାଏଲ । ତଥ୍ୟ ମିଲତେଲ ଗଲେ ନୁଆଁ ସଂସ୍କରଣ ମାନକୁ ଜୁଡତେଲ ଜିମାଁ । ନାଟକ ଆର ଗଦ୍ୟ ସାହିତ୍ୟକେ ତ ଟାମଡି ନି ପାରି ସେଥିର ଲାଗି ଛାଡି ଦେଇଛେଁ । ସଁକଲୁଛେଁ ସେ ସବୁ । ଆପଣ ମାନକୁ ବି ଅନୁରୋଧ, କୋସଲି ସାହିତ୍ୟ ବିସେନେ କିଛି ବି ହେନ୍ତା ସୁଚନା ମିଲଲେ ମତେ ପଠଉନ ଇଥି ଜୁଡବାର ଲାଗି ।

ଇଟା ଏକଦମ ସେସ ବହି ନୁହେସେ, ମୁଇଁ ବ୍ୟକ୍ତିଗତ ଭାବେ ଜାନିଛେଁ, "ସ୍ୱାଧିନତାର ଉତାରୁ" ଭାଗ ଆର ଟିକିନିଖି ଭାବେ ଲେଖବାର ଜରୁରି ଏ, ଆର କେତନି କବି-ଲେଖକ ବିସେନେ ଚର୍ଚା କରବାର ଜରୁରି ଏ । ଇ ବହି କେ ଇହାଦେ ଗୁଟେ ଛାଁଛ ବଲି କହି ପାରମାଁ । କୋସଲି ର ଧାର ଏନ୍ତା ଢାଁଚା ଥି ଉତରିଛେ ବଲି କହି ପାରମାଁ । ହେତକି ।

ସେସକେ, ଜେତେ ଲୋକ ବି ଇ ବହି ଲେଖବାର କେ ସହଜୋଗ କରିଛନ, ଜାର ଲେଖାମାନେ ଜୁଡିଛେଁ, ସମକୁ ମୋର ହୁରୁଦ ଭିତରୁ ଧନ୍ୟବାଦ ଜନଉଛେଁ ।

ଜଏ ମାଁ ସମଲେଇ, ଜଏ କୋସଲ !



# ୧

# ପରିଚୟ

ମୁନୁସ ଜିବନ ରେ ଭାସା ର କବାର କେତନି । ଇ ଭାସା ହିଁ ମୁନୁସ କେ ଅଲଗା ଜଁତୁ ଠାନୁ ଭିନେ ଆର ବନେ ବଲି ଜନାସି । ମନ ର ଭାବ କେ ଠାର-ନାର ଥି ଜନଉଥିବା ମୁନୁସ ଭାସା ବନାବାର ଲାଗି କେତନି ସମିଆଁ ଆର ମେହନତ କରିଛେ । ମନୁସ କେଭେ ଭାସା ବନାଲା ତାର ସଠିକ ସମିଆଁ ଇହାଦେ ବି କହି ନି ହେବାର । ଫେର କେନ ଭାସା ପହେଲା ବନିଛେ ସେଟା ବି ଜାନବାର ଟା କଠିନ । ତଥାପି ବି ଭାସା ମୁନୁସ ର ଗୁଟେ  ସାଫୁଲ ଉଦଭାବନ । ଭାସା ଗୁଟେ ସଂସ୍କୃତି ର ପରିବାହକ, ଗୁଟେ ଜାତି ଆର ଅଂଚଲ ର ର ପରିଚୟ ଏ ।

ଓଡିସା ର ପସଚିମ ଭାଗ ରେ ଗୁଟେ ସୁରୁତ ଭାସା ଟେ ଚଲସି ତାହାକେ କିଏ ସମଲପୁରି ବଲସି ତ କିଏ କୋସଲି । ମୁଇଁ ବ୍ୟକ୍ତିଗତ ଭାବେ ଇ ଭାସା କେ କୋସଲି ବଲି ଚର୍ଚା କରବାର କେ ଚାହେଁମି । ଆସୁନ ତାର ସାହିତ୍ୟ ଆର ଇତିହାସ ବିସେନେ ଜାନମା ।

ସିରଜିନାର ମୁଲୁ, ଜେଭୁ ଇ ଅଂଚଲ ଅଛେ, ଇନର ଲୋକମାନେ ନିଜର ଭିତରେ  କଥାବାର୍ତା ହେବାର ଲାଗି ଗୁଟେ ଭାସା ବେଭାର କରୁଥିଲେ । ଇ ଅଂଚଲ ଝାର-ଜଂଗଲ, ଡଂଗର-ପର୍ବତ ଥି ଘେରେଇ ହେଇଥିଲା । ଇନ ଆଦିବାସି ମାନେ ରହୁଥିଲେ ।  ବିସେସ କରି ବିଂଝାଲ, ସଁରା, ଗଁଣ ଜାଏତ ବହଲ ହେଇଥିଲେ, ଏଜ ବି ଅଛନ । ଇ ଅଂଚଲ କେ ନଲ, ନାଗ, ସରଭପୁରିଆ, ଚୋଲ, ଗଂଗ, ସୋମବଂସି, କାଲଚୁରି, ଚୁହାନ, ମରାଠା, ଇଂରେଜ ଆଦି ସାସନ କରିଛନ । ସାସକମାନେ ନିଜର ନିଜର ସଂସ୍କୃତି ଆନିଛନ । ଇ ଅଂଚଲର ଲୋକ ଆର ସଂସ୍କୃତି

ଥି ସାଂଗେ ମିସେଇଛନ । ଇତାର ବାହାରେ ଅଂଚଲ କେ ଆର ବି ଭିନେ ଭିନେ ଜାଏତ ବାହାରୁ ଆସି ହମିସା ଲାଗି ଇନ ବସି ଜେଇଛନ, ଜେନ୍ତା କୁଇଲତା, ବାମହନ, ଭୁଲିଆ, ଅଘରିଆ ଆଦି । ଇ ଜାଏତ ମାନେ ବି ନିଜର ନିଜର ସଂସ୍କୃତି ଆନିକରି ଅଂଚଲର ସଂକୃତି ଥି ମିସେଇଛନ । ଏଜ ଜେନ କୋସଲି ଭାସା ଆମର ସାମନେ ଅଛେ, ସେ ଭାସା ହଜାର ବଛର ର ବିବର୍ତନ ଉତାରୁ ଆଝିର ଇ କିସମେ ଆମର ସାମନେ ଅଛେ ।

ସେକ୍ସପିଅର କର ସମିଆଁର ଇଂରାଜି ଆର ଅଝିରର ଇଂରାଜି ଭିତରେ ଗୁର୍ଦୁ ଫରକ ଅଛେ । ସାରଲା ଦାସ କର ସମିଆଁର ଉଡିଆ ଆର ଆଝିରର ଉଡିଆ ଭିତରେ ବି ଫରକ ଅଛେ । କନ୍ଧ କବି ଜୁଗ ଦାସଂକର କୋସଲି ଆର ଆଝିରର କୋସଲି ଭିତରେ ବି ଫରକ ଅଛେ ।

ଆମେ କହିପାରମା ଜେ, କୋସଲି ଗୁଟେ ପ୍ରାଚିନ ଭାସା । ଏଜ କୋସଲି ବଡେଟେ ଜାକର ଇଲାକା ନ ବେଭାର ହେସି । ଇହାଦେ ର ଉଡିସା ର ସୁନ୍ଦରଗଡ, ଝାରସୁଗୁଡା, ସମଲପୁର, ବରଗଡ, ଦେବଗଡ, ବଲାଂଗିର, ସୋନପୁର, କଲାହାଣ୍ଡି, ନୁଆଁପଡା, ବୌଦ, ଫୁଲାବାଣି ଆର ଉତର କୋରାପୁଟ ଅଂଚଲ, ଦେଭୋଗ ର ପୁରୁବ ଭାଗ, ଫୁଲଝର, ରାଏଗଡ, ସାରଂଗଗଡ, ନୁ ଜସପୁର ତକ ସବୁ ନ କୋସଲି ଫି ଦିନିଆଁ କବାରେ ବେଭାର ହେସି ।

ଭାସା ବିତ ମାନକର ହିସାବେ କୋସଲି ଗୁଟେ ଇଣ୍ଡୋଆର୍ଯନ ଭାଷା । ଇତାକେ ପୁର୍ବି ହିନ୍ଦି ବିଭାଗର ଭାଷା ମାନକର ସାଂଗେ ରଖା ହେଇଛେ । ପୁର୍ବି ହିନ୍ଦି ବିଭାଗର ବାକି ଭାଷାମାନେ ହେଲେ ଅବଧି, ବଘେଲି, ଛତିସଗଡି ଆର କୋସଲି ।

ସରକାରି ହିସାବେ ଓଡିସାର ୪.୨ କୋଟି ନୁ ଇହାଦେ ପ୍ରାୟ ୨ କୋଟି ଲୋକ କୋସଲି କେ ନିଜର ମାତୃଭାସା ମାନସନ । କୋସଲି ଥି ଭିନ ଭିନ ବିଭାଗ ର ଉଁଚା ଦର୍ଜା ର ସାହିତ୍ୟ ଲେଖା ଚାଲିଛେ । ରାମାୟଣ, ମହାଭାରତ, ଗିତା, ଭାଗବତ, କୋସଲି ଅଭିଧାନ, ଆର ମେଘଦୁତ ଆଦି ଭିନେ ଭିନେ ଗ୍ରନ୍ଥାବଲି

ମହାକବ୍ୟ ଅନୁବାଦିତ ହେଇସାରିଛେ । ଫି ଦିନ ରେଡିଓ ଆର ଦୁରଦର୍ସନ ମାନକୁ ଭିନ ଭିନ କାର୍ଜ୍ୟକ୍ରମ ପ୍ରସାରିତ ହେସି ।

## ସରକାରି ଥିତି

୨୦୦୩ ମସିହାରେ କେନ୍ଦ୍ର ସରକାରଂକର ନିର୍ଦ୍ଦେସରେ ସୀତାକାନ୍ତ ମହାପାତ୍ରଂକର ଅଧ୍ୟକ୍ଷତାରେ ଗୁଟେ କମିସନ ଗଠନ ହେଇଥିଲା । ମହାପାତ୍ର କମିସନ ୨୦୦୪ରେ ତାର ରିପୋଟ ଦେଇଥିଲା । ମହାପାତ୍ର କମିସନ କୋସଲି ସାଂଗେ ଆର ୩୭ଟା ଭାସାକେ ସମ୍ବିଧାନର ଅସ୍ଟମ ସୁଚିରେ ସାମିଲ କରବାର ଲାଗି ମତ ଦେଇଥିଲେ । କୋସଲି ଭାସା ଭାରତ ର ସମ୍ବିଧାନ ର ଅସ୍ଟମ ସୁଚି ରେ ସାମିଲ ହେବାର ଲାଗି ବିଚାରଧିନ ଥିବା ବେଲକେ ତାର ସାମ୍ବିଧାନିକ ମାନ୍ୟତା ଲାଗି ଜୋରଦାର ଉଲଗୁଲାନ ଚାଲିଛେ ।

ରେଜିସ୍ଟ୍ରାର ଅଫ ନ୍ୟୁଜପେପରସ ଫର ଇଣ୍ଡିଆ ତାର ଭାସା ତାଲିକା ରେ ବି ୨୦୧୨ ନୁ ଠାନ ଦେଇ ସାରିଛେ । ଆଘୋନୁ ତାଲିକାରେ ଓରି-କୋସଲି ଦେଖଉଥିଲା, ଇହାଦେ ଅଗବାର କୋସଲି ଦେଖାସି ।

୧/୩/୨୦୧୪ ରେ ଓଡିଶାର ମୁଖ୍ୟମଂତ୍ରି ନବିନ ପଟନାଏକ, କୋସଲି ଭାସାକେ ଅସ୍ଟମ ସୁଚିରେ ସାମିଲ କରବାର ଲାଗି କେନ୍ଦ୍ର ଗୃହ ମଂତ୍ରି ସୁସିଲ ସିନ୍ଦେଂକୁ ସିଫାରିସ କରିଥିଲେ । ୨୦୧୪ର ସାଧାରଣ ଭୋଟ ଉତାରୁ କେନ୍ଦ୍ରରେ ସରକାର ବଦଲି ଗଲା । ନୁଆଁ ସରକାର କେ ଫେର ଥରେ ୧୪/୭/୨୦୧୫ରେ ସିଫାରିସ ଚିଠି ଲେଖିଥିଲେ ।

ଇହାଦେ କୋସଲି ଭାସା ଥି ସମଲପୁର ୟୁନିଭର୍ସିଟି ଗୁଟେ ପିଜି-ଡିପ୍ଲୋମା କୋର୍ସ ପଢାହଉଛେ ଆର ହଲଧର ଆବାସିକ ବନବିଦ୍ୟାଲୟ, କୁଦୋପାଲି ନ ପ୍ରାଥମିକ ସ୍ତରରେ ପଢାହେସି ।

# ୨

# ଚର୍ଯ୍ୟାଗିତି: କୋସଲି ର ପହେଲା ଲିଖିତ ସାହିତ୍ୟ

କୋସଲି ଭାସା ର ଲିଖିତ ସାହିତ୍ୟ କେଭେ ନୁ ପହେଲା କରି ହେଇଛେ କହେବାରଟା ବଡା କଠିନ ଏ । ହେଲେ କୋସଲି କେ ପଢଲା ବେଲକେ ଆସରିଜ ହେବାରକେ ପଡସି ଜେ ବଂଗାଲି ପଣ୍ଡିତ ହରପ୍ରସାଦ ସାସ୍ତ୍ରି ୧୯୧୭ରେ ନେପାଲ ନୁ ପାଇଥିବା ଚର୍ଜ୍ୟାଗିତି ଥି କେତନି କେତେ କୋସଲି ସବ୍ଦ ଅବିକଲ ବେଭାର ହେସି । ଚର୍ଜ୍ୟାଗିତି ରେ ଥିବା ବୌଧଗାନ ଆର ଦୋହା କେ ଭାସାବିତ ମାନେ ୭ମ ଆର ୮ମ ସତାବ୍ଦି ଭିତରେ ଲେଖା ହେଇଥିବାର ଅନୁମାନ କରସନ ।

ଇହାଦେ ର ପସଚିମ ଓଡିସା ର ଭିନେ ଭିନେ ଠାନେ ୨ୟ ନୁ ୮ମ ସତାବ୍ଦି ତକ ଭିନ ଭିନ ଠାନେ ବୌଧ ଧର୍ମ ବନେ ଫଏଲିଥିଲା । ବୌଦ୍ଧ ଧର୍ମ ର ସିଦ୍ଧମାନେ ଚର୍ଯ୍ୟାପଦ କବିତା ଲେଖୁଥିଲେ । ଚର୍ଯ୍ୟାପଦ ଗେବାର ଲାଗି ଲେଖା ହଉଥିଲା । ଚର୍ଯ୍ୟାପଦ ସାହିତ୍ୟ "ସନ୍ଧ୍ୟା ଭାସା" ବଲି ଗୁଟେ ରୁପକ (metaphor) ଦେଇକରି ଲେଖା ହଉଥିଲା । ଚର୍ଯ୍ୟାଗିତି ଥି ସେ ସମିଆଁ ର ସମାଜ ର ବର୍ଣ୍ଣନ ଅଛେ । ଭିନେ ଭିନେ ଚରିତ୍ରମାନକର କଥା ଲେଖା ହେଇଛେ । ଜେନ୍ତା ସିକାରି, ଡଂଗାବାଲା, କୁମ୍ହାର, ଭୁଲିଆ, କାଠରିଆ ଆଦି । ବେସ୍ୟାମାନକର କଥା ଲେଖା ହେଇଛେ ହେଲେ ଚାସିମାନକର କଥା ନେଇଁନ । ଚର୍ଯ୍ୟାଗିତି ତଂତ୍ର ପରଂପରା ବଜ୍ରଜାନ ର ସିଦ୍ଧକବି ମାନକର ରହସ୍ୟବାଦି କବିତା ଏ । ଇ କବିତାମାନେ ଗୁଟେ ସିଦ୍ଧ ପ୍ରବୃଦ୍ଧ ଅନୁଭୁତି ର ଏକସରଲଗ ବର୍ଣ୍ଣନ ଏ । ଇ ଚର୍ଯ୍ୟାପଦ ସାହିତ୍ୟ ଥି କବି ବା ସିଦ୍ଧ ମାନକର ନାଁ ପହିଲ ପଦେ ଲେଖା ହେଇଥିସି ଆର ସେମାନକର ନାଁ ଅନସାରେ,

ଜେନ୍ତା କାହ୍ନୁ ସିଦ୍ଧକର କାହ୍ନୁପଦ, ଲୁଇ ସିଦ୍ଧ କର ଲୁଇପଦ, ଭୁସକୁ ସିଦ୍ଧକର ଭୁସକୁପଦ, ସବର ସିଦ୍ଧକର ସବରପଦ, ଡମ ସିଦ୍ଧକର ଡମପାଦ ଆଦି ହଉଛେ ଭିନେ ଭିନେ ଚର୍ଯ୍ୟାଗିତି । ଚର୍ଯ୍ୟାଗିତି ର ଭାସା ପ୍ରାକୃତ ଆର ବୁଦ୍ଧ ଧର୍ମ ର ପ୍ରଚାର-ପ୍ରସାର ବିସେସ କରି ସେ ସମିଆଁ ଥି ସେଠାନ ର ପ୍ରାକୃତ ଭାସା ବେଭାର କରୁଥିଲେ । ଚର୍ଯ୍ୟାଗିତି ଇହାଦେ ର କୋସଲି ସାଂଗେ ବନେ ମେଲ ଖାଏସି:

**ଏକୁସୋ ପଦୁମୋ ଚୌସଠି ପାଖୁଡି**
**ତହିଁ ଚଢି ନାଚୋ ଡୋମ୍ବି ବାପୁଡି ।** – *କାହ୍ନୁପା*

ଏକୁସୋ – ଏକୁସ, ପଦୁମୋ – ପଦମ, ଚୌସଠି – ଚୌସଠି, ପାଖୁଡି – ପାଖୁଡା, ତହିଁ – ତେହିଁ, ଚଢି – ଚଢି, ନାଚୋ – ନାଚ, ଡୋମ୍ବି – ଡମ (ସୁଦ୍ର ଜାତିର ମାହେଜି), ବାପୁଡି – ବୁପରି ।

**ହଲି ଡୋମ୍ବି ତୋତେ ପୁଛମି ସଦଭାବେ**
**ଇସିସି ଜସି ଡୋମ୍ବି ନବେ ।** – *କାହ୍ନୁପା*

ପୁଛମି – ପଚରାମି, ସଦଭାବେ – ସୁଦଭାବେ ।

**ନଗର ବାହାରେ ଡୋମ୍ବି ତୋହରି କୁଡିଆ**
**ଛୋଇଛୋଇ ଜାହ ସୋ ବ୍ରାହ୍ମଣ ନାଡିଆ** । – *କାହ୍ନୁପା*

ବାହାରେ – ବାହାରେ, ସୋ – ସେ ( କଲାହାଁଡି ଅଂଚଲ ର ଡମ ଭାସା),ଜାହ – ଜାଏ ( କଲାହାଁଡି ଅଂଚଲ ର ଡମ ଭାସା)

**ଅଂଘଣ ଘରପଣ ସୁନ ଭି ବିଆତି**

**କାନେଟ ଚୋରେ ନିଲ ଅଧରାତି ।** – *କୁକକୁରି ପାଦ*

ବିଆତି – ବିହାରି ମାହେଜି

**ହେରି ସେ କାହ୍ନି ନିଆଡଇ ଜିନଭର ବଟ୍ଟଇ**
**ଭଣଇ କାହ୍ନୁ ମୋହି ଅହି ନ ପଇସଇ ।** – *କାହ୍ନୁପା*

ହେରି – ଢୁଂଗି /ଢୁଂଗବାର

**ଉଁଚା ଉଁଚା ପାବତ ତହିଁ ବସଇ ସବରି ବାଲି** – ***ସାରହପା***

ଉଁଚା – ଉଚା

**ଚିଅ ଧାଉ ଖାଟ ପାଡିଲା ସବରୋ ମହାସୁଖ ସେଜି ଛାଇଲି**
**ସବରୋ ଭୁଜଂଗ ତାଇରାମଣି ଦାରି ପେକଖି ରାତି ପୋହାଇଲି ।**

***–ସାରହପା***

ଖାଟ – ଖଟ, ଛାଇଲି – ଛିଆଁବାର, ଦାରି – ବେସ୍ୟା

**ବାମ ଦାହିଣ ଚାପି ମିଲି ମିଲି ମାଂଗା**
**ବାଟ ତ ମିଲିଲ ମହାସୁଖ ସାଂଗା ।** – ***କମ୍ୱଲାମର***

ମାଂଗା – ମାଗବାର, ବାଟ – ବାଟ

**ନାଡି ସକ୍ତି ଦିଢ ଧରିଅ ଖଟ୍ଟେ**
**ଅନାହା ଡମରୁ ବାଜଇ ବିର ନାଦେ ।** – ***କାହ୍ନୁପା***

ଦିଢ – ବରକସ, ଅନାହା– ଦେଖ, ଡମରୁ– ଡମରୁ

**ବାମ ଦହିଣ ଜୋ ଖାଲ ବିଖାଲା**

**ସରହ ଭଣଇ ବାପା ଉଜ ବାଟ ଭାଇଲା ।** – *ସାରହପା*

ଜୋ – ଜେନ, ଖାଲ – ଖାଲ, ଉଜ – ଉଁଝ୍ୟା/ଭିନେ/ଅଲଗା, ଭାଇଲା – ଫବଲା

**କୁଲ ଲଉଖର ସୋନ୍ତେ ଉଜାଅ**
**ସରହ ଉନୈ ଗଅଣେଂ ସମାଅ ।** – *ସାରହପା*

ଲଇ– ଲହଁକିବାର, ଉଜାଅ – ଅଜେଇ ହେବା/ଖଣି ଲାଗବା, ସମାଅ – ପସ/ପସାବାର

ଏନ୍ତା କେତନି ସଙ୍ଗ ଚର୍ଯ୍ୟାପଦ ନୁ ଦେଖବାର କେ ମିଲସି । ଚର୍ଯ୍ୟାଗିତି ର ଉତାଉତି କୋସଲି ଥି ଜେନ ବଢେଟେ ସଂବୃଦ୍ଧ ସାହିତ୍ୟ ରଚନା ହେଇଥିଲା ସେଟା ହଉଛେ ଡଁଡ ।

# ୩

# ଡଁଡ

ଅସ୍ଟମ-ନବମ ସଦି ଆଡକେ ଇନ୍ଦ୍ରଭୁତିଂକର ବୁହେନ ଲଖ୍ମିଂକରା (ସୋନପୁର ରଜା ଜଲେନ୍ଦ୍ରକର ବହ)କର ସହଜତଂତ୍ର ସାଧାରଣ ଲୋକକୁ ପସନ ଆସୁଥିଲା ଆର ବୌଧ ଧର୍ମ ର ପ୍ରଚାର-ପ୍ରସାର ବନେ ଜୋର ଧରିଥିଲା । ସେଥିର ଲାଗି ସୈବ ଧର୍ମ ର ପ୍ରଚାର-ପ୍ରସାର ଲାଗି ସୈବ ଧର୍ମ ଉପାସନା କରୁଥିବାର ସୋମବଂସି ରଜାମାନେ ଡଁଡ ନାଟ ର ମୁଳ କରାଲେ ।

ଡଁଡ ଦଲ ମାନେ ପହିଲ କରି ସୋନପୁର ରାଏଜ ର ଗାଁ ଗାଁ ବୁଲି ବୁଲି ସିବ-ପାର୍ବତି ପୁଜା ସାଂଗେ ନାଟ କଲେ । ଡଁଡ ର ପହେଲା ରୁପ ଟା ସୁହ୍ଲ ସୁଆଂଗ ଡଁଡ ଥିଲା । ସେଥି ସହଜଜାନ ବି ମେସିଥିଲା ଜେହେତୁ ତଂତ୍ର ସାଧନା ଟା ସାଧାରଣ ଲୋକର ଭିତରେ ଫଏଲି ସାରିଥିଲା ନ ।

ଚଇତ ମସିଆ ଖରାଥି ମିନ ସଂକ୍ରାନ୍ତିରୁ ବିସୁବ ସଂକ୍ରାନ୍ତି ତକ ଡ଼ଁଡୁଆମାନେ ଉପାସବଲାକରି ସହ ସହ ଛତର ବୈରଖ ଆର ସିବ ପାର୍ବତି, ଦକ୍ଷିଣ କାଲିଙ୍କୁ ଧରି କରି ବାହାରି ପଡ଼ସନ । ଡଁଡ ପରଂପରା ରେ ତିନଟା ଡଁଡ ଦେଖବାର କେ ମିଲସି (୧) ଧୁଏଲ ଡଁଡ (୨) ପାଏନ ଡଁଡ ଆର (୩) ଡଁଡ । ଡଁଡ ଥି ବିସେସକରି ଧର୍ମ ର ସୁରଖ୍ୟା, ସାଂସ୍କୃତିକ ଜାଗରଣ, ପୁରୁସ-ପ୍ରକୃତିବାଦ, ସଂଜମ, ନିସ୍ଥା, ମନୋରଂଜନ କେ ଜୋର ଦେସନ । ସୁହ୍ଲ ସୁଆଂଗ ଡଁଣ ର ଭୁତନାଥ ଚରିତ୍ର ର ଗିତ ପଦେ:

ଢେଁକି ଦେ ଚମକେଇ ଲୋ ସାମ କୁଟେ ଧାନ
ଢେଁକିର ଉପରେ ଦୁଇ ସଁତେନ ଖାଏଲେ ବଂଗଲା ପାନ । (ଘୁସା)

## ସାକେତ ତ୍ରିଭୁବନ ସାହୁ

ମାଲଖମ ବୁପରା ବଏଲା ଜେ ରେ ମୁଇଁ ତ ମଁଝିଆ ଭାଇ
ଇଆଡ-ସେଆଡ ହେଲେ ଢେଁକି ଦଉଥିସିଁ ସଲଖେଇ । ୧ ।
ଢେଁକି ଦେ ଚମକେଇ ଲୋ ସାମ କୁଟେ ଧାନ
ଢେଁକିର ଉପରେ ଦୁଇ ସଁତେନ ଖାଏଲେ ବଂଗଲା ପାନ ।

କୁଲା ବୁପରା ବଏଲା ଜେ ରେ ମୁଇଁ ତ ଭରକା ଟୁଣା
ପାଛରି କରି  ବାରି ଦେସିଁ ଜେତକି ଖୁଦକୁଣା । ୨ ।
ଢେଁକି ଦେ ଚମକେଇ ଲୋ ସାମ କୁଟେ ଧାନ
ଢେଁକିର ଉପରେ ଦୁଇ ସଁତେନ ଖାଏଲେ ବଂଗଲା ପାନ ।

ବାତୁନ ବୁପରି ବଏଲା ଜେ ରେ ମୁଇଁ ତ ଛିତକି ମୁଡି
ସଁକଲି ବୁଟଲି ଧାନ ଚଉଲ ଦଉଥିସିଁ ବୁଡବୁଡି । ୩ ।
ଢେଁକି ଦେ ଚମକେଇ ଲୋ ସାମ କୁଟେ ଧାନ
ଢେଁକିର ଉପରେ ଦୁଇ ସଁତେନ ଖାଏଲେ ବଂଗଲା ପାନ ।

ଲୋଟ ବୁପରା ବଏଲା ଜେ ରେ ମୁଇଁ ତ ଅସ୍ଟବଁକା
ମୁଇଁ ଥିଲେ କେଁଚି ହେବା ନେଇଁ ଥେ ଆର ସଁକା । ୪ ।
ଢେଁକି ଦେ ଚମକେଇ ଲୋ ସାମ କୁଟେ ଧାନ
ଢେଁକିର ଉପରେ ଦୁଇ ସଁତେନ ଖାଏଲେ ବଂଗଲା ପାନ ।

# ୪

# ଲୋକ ସାହିତ୍ୟରେ କୋସଲି ର ଧାର

ଭାରତ ରେ ଦସମ ରୁ ଦ୍ୱାଦସ ସତାଦ୍ଧି ସମିଆଁ ରେ ସାରା ଭାରତ ରେ ଲିଖିତ ସାହିତ୍ୟ ବଏଲେ ସଂସ୍କୃତ କେ ବୁଝା ଜଉଥିଲା । କାବ୍ୟ-କବିତା, ଲେଖା-ପଢ଼ା, ସବୁ ସଂସ୍କୃତ ରେ ହଉଥିଲା । ରଜା ମାନକର ଦରବାର ରେ ବି ସଂସ୍କୃତ ବେଭାର ହଉଥିଲା । ରଜା କି ପଣ୍ଡିତ ମାନେ ସଂସ୍କୃତ ବେଭାର କରୁଥିଲେ । ରାନି, ଦାସ-ଦାସି, ଆର ବାକି ସାଧା ଲୋକ ପ୍ରାକୃତ ଭାସା ଥି କଥାବାର୍ତା ହଉଥିଲେ । ୧୬୬୩ ମସିହାରେ ପଣ୍ଡିତ ଗଂଗାଧର ମିସ୍ରଂକର ଲେଖଲା ଐତିହାସିକ ମହାକାବ୍ୟ "କୋଶଲାନନ୍ଦ କାବ୍ୟମ" ବି ସଂସ୍କୃତ ଥି ଲେଖା ହେଇଛେ । ଇଥି ପାଟଣା (ପାଟଣା କେ କୋସଲ ରାଜ୍ୟ ବଲି ଭି ବତା ହେଇଛେ)ର ଚୌହାନ ରଜା ରମାଇ ଦେବକର ନୁ ମୁଲକରି ସମଲପୁର ର ରଜା ବଲିଆର ରାମ ଦେବ ତକ ଲେଖା ହେଇଛେ ।

ଜଦି ଭି ସଂସ୍କୃତ ଲେଖବାର ଭାସା ଥିଲା ତଥାପି ବି ଲୋକ କବାର-ଗୁଡା ବେଲକେ "ହଲିଆ ଗିତ" ଗଉଥିଲେ, ବେଲବୁଡେ ଛୁଆମାନେ ଖେଲଲା ବେଲେ "ହୁମୋ ବଉଲି" ଗଉଥିଲେ, ଦସରା ବେଲକେ ପଦକେ ପଦ ଜୁରି ଡାଲଖେଇ ନାଚି ନାଚି ଧଂଗରା ପିଲା-ଟୁକେଲ ବିର୍ଝାଖିର୍ଝା ହଉଥିଲେ । ଲୋକର ମନୋରଂଜନ ଲାଗି ନାଚ-ଗିତ, ଲିଲା, ନାଟ, ଆର କେତେ କିସମର ଅଲିଖିତ ସାହିତ୍ୟ ଲେଖା ହେଇଥିଲା ଜେ ତାର ପତା ନେଇଁ । କୋସଲ ବାହି ନ ଛୁଆ ଜନମ ନୁ ମୁନୁସ ମରବାର ତକ ହରେକ ସାମାଜିକ ଆର ସାଂସ୍କୃତିକ ପରଂପରା ଲାଗି ଗିତ ଅଛେ । ଛୁଆ ମାନେ ସଖାଲୁ ଉଠବାର ଠାନୁ ରାତି ସୁଆବାର ତକ ଜେନ ଗିତ ଜେତେବେଲେ ଗାଏବାର କଥା ମାଁ ମାନେ ଗାଇ ଥିସନ । ଜେନ୍ତା: ତେଲ ମଖା ଗିତ, ସିଖାବା ଗିତ

(ଛୁଆମାନକୁ ତାଲି ମାରବା, ହାତ ମୁଠା କରବା, ମୁଡ ହଲାବା, ଝାଏଁରେ କରବା ସିଖାସନ), ହଁସାବା ଗିତ, ଝୁଲାବା ଗିତ, ନଚାବା ଗିତ, ଖୁଆବା ଗିତ, ଦାଁତ ଆଁକରିଲେ ଗିତ, ଚାଲି ବସଲେ ଗିତ, ସୁଆବା ବେଲର ଗିତ, ରାଁପଲା ବେଲରେ ଗିତ ଏନ୍ତା ଛୁଆମାନକର ଅବଗା କେତନି କେତେ ଗିତ ଅଛେ । ଛୁଆମାନେ ନିଜେ ଭି ଖେଲଲା ବେଲେ କେତନି କିସମ ର ଗିତ ଗାଏସନ । ଟୁକେଲ ମାନେ ଖଟି ଗଲେ ଗିତ ଗାଏସନ, ମୁନୁସ ମରିଗଲା ବେଲକେ ତାକର ସିଆନି ମାନେ ଗିତ ଗାଏସନ ଏନ୍ତା ଆମର କୋସଲ ବାହି ନ ହରେକ ସାଂସ୍କୃତିକ-ସାମାଜିକ ଚଲନି ମାନକର ଲାଗି ଗିତ ଅଛେ । ଇ ସବୁ ଗିତ ର ବାହାରେ ଭିନେ ଭିନେ ପରବ ପରବାଣି ଜାନି ଜାତ୍ରା କେ ବି କେତନି ଗିତ ନଜର କେ ଆଏସି । କେତେଟା ଲୋକ ସାହିତ୍ୟ ବାଜନା ସାଂଗେ ବେଭାର ହଉଥିଲା ବେଲକେ କେତେଟା ବିନ ବାଜନା ଥି ବେଭାର ହେସି । ଇ ସବୁ ଗିତ ଆମର କାବ୍ୟ ଧାରା ର ଖଏଣ ଆଏ । ଇ ସବୁ ଆମର କାବ୍ୟ-କବିତା ବନବାର ଥି କେତନି ସାହେଜ କରିଛେ । ଇତାର ବାହାରେ ପୁଜା ପାଠ, ଫୁକା ଝରା ଆଦିରେ ଲାଗୁଥିବା ମଂତ୍ର ମାନକେ ବି କୋସଲି ର କେତନି ବେଭାର ଦେଖବାର କେ ମିଲସି ।

ଆମର କୋସଲ ବାହିର ଲୋକ ସାହିତ୍ୟ କେ ମୁଖିଆ କରି ବାଜନା-ବାଲା ଗିତ ଆର ବିନ-ବାଜନା ର ଗିତ, ମାହେଜି/ଟୁକେଲ କି ମୁନୁସ ନେହେଲେ ଦୁହେଁ ଗଉଥିବାର ଦେଖବାର କେ ମିଲସି ।

# (୪.୧) ଛୁଆକର ଗିତ

## (୪.୧.୧) ଛୁଆ ଭୁରତା ଗିତ

ଛୁଆ କାନ୍ଦଲେ ଭୁରତାବାର ଲାଗି, ଭାସା ସିଖାବାର ଲାଗି, ମାଁ, ବଡେଇ, ଆଇ ମାନେ ଗିତ ଗାଏସନ । ଇ ସବୁ ଗିତ ମାନକେ କେନଥି ଅର୍ଥ ଥିସି ତ କେନଥି

ନି ଭି ଥାଏ । ହେଲେ ଗିତନୁ ଏକା ଛୁଆ ଭୁରତି ଜାଏସି ଆର ଜିଭ ଚଏଁଡ ଟଁଟିନୁ କଥା କହେବାର ଅକଲ ସିଖସି । ଛୁଆ ମାନକୁ ସଖାଲୁ ଉଠବାର ଠାନୁ ରାତି ସୁଆବାର ତକ ଜେନ ଗିତ ଜେତେବେଲେ ଗାଏବାର କଥା ମାଁ ମାନେ ଗାଇ ଥିସନ ।

ଉତାର କେ ଉତାର ହେ ଗିତ ହେଲା:

## (୪.୧.୨) ତେଲ ମଖା ଗିତ

ଛୁଆତେ ଜନମ ହେଲା ଉତରୁ ସଁଠି ଘରେ ରଖସନ । ହେନ ଛୁଆକେ ତେଲ ମଖାସନ । ମାଁ ତାର ଦୁହି ଗୋଡକେ ଆଘକେ ଲମେଇ, ଛୁଆକେ ଗୋଡ ଉପରେ ସୁଏଇ ତେଲ ମଖାସି । ତେଲ ମଖାଲା ବେଲକେ ଛୁଆ ତାର କଅଁଲି ଦିହିଁ ଚିଆଁଲେ କାଁଦସି । ନି କାଁଦବାର ଲାଗି  ମାଁ ଗିତ ଗାଏସି:

ଘଗୋଁଚି ... ପାଡୋଚି ... ଚିଚିଚି...
କାଠି ଭାଁଗ  ପତର ତୁଲ
ସଁଠି ବୁଢି କେ  ଜୁହାର କର ।୧।

ମାଁ ତେଲ ମଖାଲା ଉତରୁ, ଛୁଆକେ କସରତ କରାସି । ତାହେଁରୁ ଆଁଗଠି ନେ ଧୋବ କପଡା ଟେ ଗୁରେଇ ତେଲଥି ବୁଥି ଛୁଆର ଟୁଁଡ ଭିତର ପୁଛି ସଫା କରସି । ତାହେଁରୁ ଗିତ ଗାଏସି..

ଉଖୁଁ  ଖାଉଁ    ଘି  ଖାଉଁ
ତୁମ ପଡି କରି ସୁଇଥାଉଁ  ।୨।

# (୪.୧.୩)ସିଖାବା ଗିତ

ଛୁଆମାନକୁ ତାଲି ମାରବା, ହାତ ମୁଠା କରବା, ମୁଡ ହଲାବା, ଝାଏଁ ରେ କରବା ସିଖାସନ । ମାଁ ଇ ସବୁ ସିଖାଲା ବେଲକେ ଅଲଗ ଅଲଗ ଗିତ ଗାଇଥିସି । ଜେନତା:

କାଉ ମୁଚି ରେ  କାଉ ମୁଚି
ଦିଅ ଦୁଧ ଭାତ ଜାଉ ଘୁଁଚି  ।୩।

ଗିତ ଗାଇ ଆଁଗଠି ମୁଠା ସିଧା କଲେ ଛୁଆ ଭି ତାର ହାତ ର ଆଁଗଠି ମୁଠା ସିଧା କରସି । ଠିକ ହେନତା:

ତାଲି ତାଲି ତାଲି ତାଲି
ବନମାଲି ବନମାଲି  ।୪।

ବଲି ଗିତ ଗାଇ ମାଁ ତାଲି ପିଟଲେ ଛୁଆ ଭି ତାଲି ପିଟସି ।

ବଉଲା ଗାଇ ରେ ବଉଲା ଗାଇ
ବଉଲା ଗାଇ ମୁଡ ହଲାଇ  ।୫।

ବଲି ଗିତ ଗାଇଦେଲେ ପିଲା ମୁଡ କେ ହଲାସି  ।

## (୪.୧.୪) ହଁସାବା ଗିତ

ଛୁଆ ହଁସି ଦେଲେକି ମାଁ ର ମନ ଗହ-ଗହ, ମହ-ମହ ହେଇ ଜାଏସି । ମାଁ ଗିତ ଗାଏବାର ସାଁଗେ ଛୁଆର ହାତ କେ ଧରି ହେତାର ପଦମେ ମିଛ ମିଛ କିଆ ଭାତ ରାଁଧସି ଡୁନ ରାଁଧସି । ସବକୁ ଗୁଁଡେ ଗୁଁଡେ ଦେସି । କୁରା ପୁଛା ଛୁଆର ଟୁଡେ ଦେଇ, ଛୁଆର ପଦମ ନୁ ମାଁ ତର ଆଁଗଠି ମନକୁ ଚଲେଇ ଚଲେଇ ଖାକ ପାସକେ କୁତକୁତେଇ ଦେଲେ ଛୁଆ ହଁସି ଉଠସି । ଗିତ ହେଲା:

ଖୁଦୁର ବୁଦୁର...ଖୁଦୁର ବୁଦୁର<br>
ଭାତ ରାଁଧୁ ..ଡୁନ ରାଁଧୁ...ସାଗ ଖରଡୁଁ<br>
କକ କେ ଦୁରା<br>
ହାମା କେ ଦୁରା<br>
କୁ କୁ କେ ଦୁରା<br>
ଜାହା ରହେଲା<br>
କୁରା ପୁଛା ..ବାବୁର ଟୁଡେ ଟୁପ କଲ ।<br>
କାଲିଆ ବଲଦ କୁଟୁରୁ ସିଁଘା<br>
ଚାରହି ପରବତ ବୁଲି ଆଏଲିଁ<br>
କାଲିଆ ବଲଦ ନାଇଁ ପାଏଲିଁ<br>
ତମର ଗୁହାଲେ ଅଛେ ?<br>
ଘୁଁଚ ଘୁଁଚ ଘୁଁଚ ଘୁଁଚ... ।୬।

ଛୁଆ ଟିକେ ରୁସଲା ବଏଲେ, ହଁସାବାର ଲାଗି ମାଁ ଗିତ ଗାଏସି..

ହଁସ ବୁଢ଼ି ହସ
ମୁସା ଲେଁଡି ଭାଜି ଦେମି ଖାଏବୁ ମସ ମସ ।୭।

## (୪.୧.୫) ଝୁଲାବା ଗିତ

ଛୁଆକର ଲାଗି ସୁଖର ଠାନ ହଉଛେ ମାଁ ର କୁଲ, ଛାତି ଆର ଖଁଦ । ଛୁଆ କାଁଦଲେ ମାଁ ବସିକରି ତାର ଦୁହି ଗୋଡ ଲମେଇ ଛୁଆକେ ସୁଏଇ ନିତ ଛାତିନ ଚାପି ଧରି କି ଖଁଦେ ସୁଏଇ, ଛୁଆ ର ପିଠି ଥପଡେଇ ଆଗପଛ ଝୁଲି ଗିତ ଗାଏସି...

ଝୁଲରେ ହାତି ଝୁଲ ଝୁଲ
କିଆ କଁଦା ଖାଇ ଫୁଲ ଫୁଲ
ହାତି ଜଉଛେ ସମଲପୁର
ହାତିର ମୁଡେ କୁରେ ଫୁଲ ।୮।

## (୪.୧.୬) ନଚାବା ଗିତ

ଛୁଆ କେ ତେଲ-ଫୁଲ ମଖାଲା ବେଲକେ ଛୁଆ କାଁଦସି । ମଖେଇ ସାଏଲେ ଛୁଆକେ ଭୁରତାବାର ଲାଗି ମାଁ ଛୁଆକେ ଦୁହି ହାତେ ଧରି ଟିକେ ଉପର କେ ଫିଁକି ଛିନସନ । ଇନତା କରି କରି ଗିତ ଗାଏସନ:

ଦିଅ ଫିଁକିଦିଅ ଖତ ଗୁରାକେ
କୁଆ ବେଟି ନଉ ମାମୁଁ ଘର କେ
ମାମୁଁ ବଲବେ କାର ପୁଓ
ଗୁଧେଇ ପୁଧେଇ ଘର କେ ନିଅ
ଦୁଦୁ ଭାତ ଦୁରା ଖୁଏଇଦିଅ ।୯।

ଛୁଆ ତୁନ ପଡସି । ମାଁ ଆରଭି କହେସି ଆମର ବାବୁର କେନସିଟା ଉନା ନାଇଁନ, ମନକଲେ ମିଠେଇ ଦନା ଖାଏବା ବଲି ଗିତ ଗାଏସି:

ତାକ ଧିନାଧିନ ଧିନକି ଧିନା
ବାବୁ ଖାଏବା ମିଠେଇ ଦନା
ଆମର ବାବୁର କାଏଁଟା ଉନା
କରନି କୁସମା ପଡିଛେ ଉନା ।୧୦।

ମାଁ କେ ଜେନ ଜିନିସ ସୁନ୍ଦର ଦିସଲା, ତାହାକେ ଜୁଟେଇ କରି ଛୁଆକେ ନଚାସି ଗିତ ଗାଇ ଗାଇ..

ତାକ ଦୁଲ ଦୁଲ ଦୁଲରେ
ମାଖନ ଫୁଲ ଫୁଲ ରେ ।୧୧।

## (୪.୧.୭) ଜହ୍ନ ମାମୁଁ ଆର ତରାର ଗିତ

ସବୁ ଛୁଆ ଜନ ଅର ତରା କେ ଜାନି ଥିସନ । ଜନହଁ ମାମୁଁ କାଇଛେ ବଏଲେ ଛୁଆ ଜନ ଆଡକେ ଦେଖସି । ମାଁ ଗିତ ଗାଏସି..

ଜନହଁ ମାମୁଁ ରେ ଆଏବୁ ଆଏବୁ ରେ
ଆମର ବାବୁ କେ ନେଇ ଜିବୁ ।୧୨।

ତରା ମାନକୁ ଦେଖେଇ କରି ମାଁ ଛୁଆ ମାନକର ଲାଗି ଗାଉଥିବାର ଗିତ ହଉଛେ..

ଏକ ତରା   ଦୁଇ ତରା
ଦୁଇ ତରା ଗଲେ ପାଇକ ପରା
ପାଇକ ପରାନେ ଗାଏ କଅଁଲାଲା
ଦଦା ଆନଲା ଖିରସା ଦନା
ସବକୁ ଦେଲା ଠୁଲେ ଠୁଲେ
ବହୁକେ ଦେଲା ଛୁଚା ଦନା
ବହୁ ପଲଉଛେ ବାଟେବାଟ
ମାରଗୋ ଦଦା ଡେଁଡେଲ ଝାଁଟ
ବହୁ ବସିଛେ ଚୁଇଲ ପାଟି
ବହୁକେ ଚାବଲା ଚିମ ଚାଁଟି  ।୧୩।

## (୪.୧.୮) ଖୁଆବା ଗିତ

ଛୁଆକେ ଭୋକ କଲା ବଏଲେ ହେ କାଁଦସି । ମାଁ ଜାନି ପାରସି, କୁଆସି । ଛୁଆ ଟିକେ ଖାଇ ଦେଲେ ଆର ନି ଖାଏ । ପେଟ ପୁରା କୁଆବାର ଲାଗି ମାଁ ରକମ ରକମ ଗିତ ଗାଇକରି ଖୁଆସି ।

ଦୁଦୁ ଭାତ ଦିଅ ଗୋ ମାଏ
ହାପୁର ହାପୁର ବାବୁ ଖାଏ ।
ବାବୁର ଥାଲିନ କିଏ ଖାଏ  ?
ଅଜା ଖାଏ,
ଅଜାର ଥାଲିନ କିଏ ଖାଏ  ?
ଆଇ ଖାଏ,
ଆଇର ଥାଲିନ କିଏ ଖାଏ  ?

ମାଁ ଖାଏ,
ମାଁ ଥାଲିନ କିଏ ଖାଏ ?
ନାନି ଖାଏ,
ନାନିର ଥାଲିନ କିଏ କାଏ ?
ଭାଇ ଖାଏ, ।୧୪।

ଇନତା କରି ଘରର ବଡ ନୁ ସାନ ପତେ ସଭକୁ ଚିନହାଁସି ମାଁ । ଛୁଆ ପେଟ ପୁରତୁନୁ ଖାଏବାର ସାଁଗେ ଘରର ସବକୁ ଜାନି ପାରସି । ମାଁ ଦାଏଲ ଭାତ ସାନି ଗୁଁଡା ଗୁଁଡା କରି ହାତେ ଧରି ତାର ଡେବରି ହାତେ ଆଁଏଖ ଢାପି ଛୁଆକେ ଖୁଆସି । ଗିତ ଗାଏସି..

କାନି ମାନି କାନି କାନି କିଏ ଖାଏଲା ?
କକୋ ଖାଏଲା ।
କାନି ମାନି କାନି ମାନି କିଏ ଖାଏଲା ?
ହାମା ଖାଏଲା ।
× × × ×
ସଲା ମଲା ଛେଲ ଚରହୁଆ କେ ବାଘ ନେଲା ।୧୫।

## (୪.୧.୯) ଦାଁତ ଆଁକରିଲେ ଗିତ

ଛୁଆର ଦାତ ଆଁକରି ବସଲେ ଦାତ କେ କୁଟ କୁଟ ଚାବି ବସସି ଛୁଆ । ଜାନି ହେସି ଦାଁତ ଆଁକରୁ ଛେ ବଲି । ଗିତ ଗାଏସନ..

ଦାଁତରି ଖଜା କରଗୋ ମାଏ,
କୁଟୁର କୁଟୁର ବାବୁ ଖାଏ ।୧୬।

ମାଁ ଦାଁତରି ଖଜା କରସି ,ପଡା ପାଟକ ସବକୁ ବାଁଟସି ।

## (୪.୧.୧୦) ଚାଲି ବସଲେ ଗିତ

ଛୁଆ ବସି ସିଖସି, ଠିଆ ଉଠି ସିଖସି । ତାହେଁରୁ ପାହେ ପାହେ ଚାଲି ବସସି । ପାହା ପକେଇ ଚାଲି ବସଲେ ଗିତ ଗାଏସନ..

ଚାଲନି ମଡା କରଗୋ ମାଏ,<br>
ବାବୁ ଚାଲଲା ପାହେ ପାହେ ।୧୭।

ଛୁଆର ଚାଲି ଦଖି ମାଁ ଉସତ ହେଇ ମାଁ ଚାଲନି ମଡା କରସି । ଘରେ ଖାଏବାର ସାଁଗେ ବଁଟା କୁଟା ଭି କରା ହେସି ।

## (୪.୧.୧୧) ସୁଆବା ବେଲର ଗିତ

ଛୁଆ ଜଲଦି ନାଇଁ ସୁଏ । ଘମଡ କରସି ,କାଁଦସି । ମାଁ ଗିତ ଗାଇ ଗାଇ ଛୁଆକେ ସୁଆସି । ସୁଆବାର ଗିତ ତ ଗୁରଦୁ ଟେ ଅଛେ, ହେ ଭିତରୁ କେତେଟା ଗିତ...

୧. ନାଇଁ କାଁଦ ମୋର ଧନ ମାଲି ରେ<br>
ନାଇଁ କାଁଦ ମୋର ସୁନା ଥାଲି<br>
କାଉ କାଉ ତ କାଉ କାଉ ରେ<br>
ଆମର ବାବୁତ ନିଦ ଜାଉ<br>
ସୁଇ ପଡ ମୋର ଧନମାଲି ରେ<br>
ସୁଇ ପଡ ମୋର ଗଲା ମାଲି ।୧୮।

୨. ଆସୁ ଅଛେରେ କକୋ ମୁନା
ଆମର ବାବୁ କେ ନେବା ସିନା
ଆମର ବାବୁତ ସୁଇ ଦେବା ରେ
କକୋ ମୁନା ପଲେଇ ଜିବା
ଆମର ବାବୁତ ବଡା ନୁକୋ ରେ
ଆମର ବାବୁ ତ ଗଁଠି ର ସୁନା ।୧୯।

୩. ଡାଇ ଡାଇ ତ ଡାଇ ଡାଇ ରେ
ଆମର ବାବୁ ମାମୁଁ ଘର ଜାଇ
ମାମୁଁ ଆନି ଦେବେରେ ଦହି ଗା
ଗାଇର ଗୁହାଲେ ବସି ଖାଇ ।୨୦।

## (୪.୧.୧୨) ରାଁପଲା ବେଲର ଗିତ

ରାପି ଦେଲେ ଛୁଆକେ ଚିଆଁସି । ରାପି ହେବାକେ ମୁର ନି କରେ ଛୁଆ । ମାଁ ଭୁରଡେଇ ସୁରଡେଇ ଗିତ ଗାଇ ଗାଇ ରାପି ଦେସି

ସଜ ସଜ ସଜ ସଜ
ଆମର ବାବୁ ଖାଇ ଜିବା ଭୁଜକାଜ ଭୁଜକାଜ ।୨୧।

## (୪.୧.୧୩) ରୁସଲା ବେଲର ଗିତ

ଛୁଆ ଟିକେ କେ ରୁସସି, ଅଡବି କରସି । ମାଁ ପାଇକରି ଗିତ ଗାଇ ଦେସି । ଗିତ ସୁନି ଛୁଆ ଭୁରତି ଜାଏସି ଆର ତାର ରୁସାଫୁଲା ଭାଁଗି ଜାଏସି ।

ତରୋ ରୋରୋ ତ ରୋରୋ ରୋରୋ ରେ
ନାଇଁ କାଁଦ ଆର ଧନ ମୋର
ତୋର ବୁଆଆନିବା ରଟି ବୁରୋ ରେ
ଆନି ଦେବା ପାଚିଲା ବୁରୋ । ୨୨ ।
×× ××
ମୋର ଧନ କେ କିଏ ଗାଲି ଦେଲା ରେ
ମୋର ଧନ କେ କିଏ ମାଡ ଦେଲା
ଭାଇ ସାଁଗେ କାଏଁ ଖେଲି ଜିବୁ ରେ
ଦଦା ସାଁଗେ କାଏଁ ବୁଲି ଜିବୁ ।୨୩।

## (୪.୧.୧୪) ଛୁଆକର ଗାଏଲା ଗିତ

ମାଁ, ଆଇ, ବଡେଇ ମାନକର ଠାନୁ ଛୁଆ ରକମ ରକମ ଗୁରଦୁ ଟେ ଗିତ ସୁନସି । ସୋର ରଖସି । ଏତକ ତାପନେ ଗାଏସି ।

## (୪.୧.୧୫) ବରସା ଆର ଖରାର ଗିତ

ପାଏନ ବରସିଲେ ଛୁଆ ମାନକର ଉସତ କହେଲେ ନି ସରେ । କେତେ ରକମର ଗିତ ଗାଏସନ । ସେ ସବୁ ଗିତ ହେଲା:

କଲାହାଁଡିଆ ମେଘ ଘୁଟି ଆଏଲେ ଛୁଆମାନେ ଗାଁ ଖୁଲିର ପିଢାଁ ମାନକୁ ଠୋଲ ହେସନ । ବରସା ହଉ ବଲି ଉସତ ମାଡେ ଗିତ ଗାଏସନ:

ରଜା ଘରର ବାଢୁନ ଖୁଁଟି ଦେ ମହାପୁରୁ କୁଟି କୁଟି

ରଜା ଘରର ସୁନା କୁଲେଇ
ବରସି ଦେ ମେଘ ଦୁଲ ଦୁଲେଇ ।୨୪।

ମାମୁଁ ଘରର ପାଚଲା ଫୁଟି
ଦେ ମାହାପୁରୁ କୁଟି କୁଟି ।୨୫।

କୁଁଡା ଭୁରି ଲେଖେଁ ପାଏନ ବରସିଲା ବଏଲେ, ଛୁଏ ଗାଏସନ:

ପାଏନ ଭୁରେ ଭୁରେ କଲାନ
ଚଁଟିଆ ଛୁଆ ମଲାନ ।୨୬।

ପାଏନ ଟୁପୁର ଟାପୁର ବରସିଲା ବଏଲେ ଛୁଏ ଗାଏଲା ଗିତ ହଉଛେ:

ପାଏନ ବରସିଲା ଟୁପୁର ଟାପୁର
ଚନା ଚାବ ପିଲେ କୁଟୁର କାଟୁର । ୨୭।

ପାଏନ ଜୋରସେ ବରସିଲେ ଛୁଏ ଜେନ ଗିତ ଗାଏସନ, ସେ ଗିତ ହେଲା:

ପାଏନ ବରସିଲା କୁଟକୁ କୁଟା,
ଆନ ଖାଏମା ମହୁଲ ଲଠା ।୨୮।

ଧୁକି ଧୁକି ପାଏନ ବରସିଲେ ଗିତ ଗାଏସନ...

ପାଏନ ବରସିଲା ଧୁକି ଧୁକି,
ଭାତ ଖାଏମା ଫୁକି ଫୁକି ।୨୯।

ବରସା ହେଲେ ଛୁଆମାନେ ଗାଁ ଖୁଲି କି ଭଟାନେ ଖେଲି ନି ପାରନ । ବରସା ଛାଡଲେ ସିନା ଖେଲବେ । ହେଥିର ଲାଗି ବରସା ଛାଡି ଜଉ ବଲି ଗିତ ଗାଏସନ:

ରଜା ଘରର ଚଟା କୁଲେଇ
ଡଗଁରେ ଡଗଁରେ ନେ ଉଡେଇ ।୩୦।

ବରସା ଛାଡି ଜଉ ବଲି ଗିତ ଗାଏବାର ସାଁଗେ ଖରା ହଉ ବଲି ଭି ଗିତ ଗାଏସନ:

ତୋର ବାଦଲ କେ ନେ ରେ
ଆମର ଖରାକେ ଦେ ରେ ।୩୧।

ଘାଏ ଘାଏ ପାଏନ ବରସିବା ସାଁଗେ ଖରା ଭି ହେସି । ଇନତା ଖରା ବରସା ଏକାସାରି ହେବାର ଭେକେ ଛେକେ ଦେଖବାକେ ମିଲସି । ଛୁଏ ଖରା ପାଏନ କେ ଦେଖି ଗିତ ଗାଏସନ:

ଦେଖ ଖରା ପାଏନ କଲାରେ
ବାଦଲର ମାଁ ମଲାରେ ।୩୨।

ଖରା-ବରସା ହେଲା ବେଲକେ ଜାର ନାଁ କି ମାଏନ କରି ଛୁଏ ଡାକସନ । ହେ ଝନକ ଓ କଲା ବଏଲେ ତାହାକେ ଢୋଲ ଲଗାସନ:

ମୋର ଖରା ପାଏନ ଢୁଲେ । ୩୩।

## (୪.୧.୧୬) ବିରଝାଲା ଗିତ

ଖେଲଲା ବେଲକେ ଛୁଆ ଛୁଆ ମନକର ଭିତରେ ଖିଜା ବିରଝା ଲାଗିଥିସି । କେନସି ପିଲା ଲାଁଡ୍ଡୁ ହେଇଥିଲେ ତାହାକେ ଦେଖି ସାଁଗ ମାନେ ବରଝେଇ ଗି ତ ଗାଏସନ:

ଲାଁଡ୍ଡୁ ମୁଡି ଠାଏ ଠଡକୋ
ସେମେଲ ଗଛେ ପୁଜା
ଆନରେ ଲାଁଡି ପାଏନ ଗଡେ
ତଡେ କରମି ପୁଜା ।୩୪।

ସିତ ଦିନେ କେନସି ପିଲା କି ଟୁକେଲ ଖୁଁଡଖୁଁଡିଆ ହେଇଥିବା ବଏଲେ, ତାହାକା ଦେଖି ଗିତ ଗାଏସନ:

ସିତ ବଏଲା ମିତ ଭାଇ
ଖୁଁଡଖୁଁଡିଆ କେ ଦେଖଲୁ କାହିଁ
ତାପୁଛେ ଉମହେଇ ଗାଉଛେ ଗିତ
ପିଠିନେ ପକେଇ ଦେଇଛେ ସିତ । ୩୫।

ପେଟୁ ପିଲାକେ ଦେଖି ସାଁଗ ମାନେ ବିରଝେଇ କରି ଗାଏଲା ଗିତ ହଉଛେ:

ସିର ବସାଲା ସିର କୁମୁନା
ବିର ବସାଲା ବିର କୁମୁନା
ପେଟ୍ରୁ ବସାଲା ବଢେ କୁମନା .
ସିର ଥି ଲାଗଲା ସିର ବଲିଆ
ବିର ଥି ଲାଗଲା ବିର ବଲିଆ
ପଟୁଥି ଲାଗଲା ଗାଏ ଫରିଆ,
ସିର ଖାଏଲା ସିର ତୁନ
ବିର ଖାଏଲା ବିର ତୁନ
ପେଟୁ ଖାଏଲା ଗାଏ ତୁନ ।୩୬।

ଇନତା ଟୁକେଲ ମାନକେ ଭି ସାଁଗ ମାନେ ବିରଝେଇ କରି ଗାଏସନ:

କୁଠୁଲ ପେଟି
ସଖାଲୁ ଜାଏସି ଖଜୁର ବେଟି
ଖଜୁର ତଲେ ପଡଲା ହିଟି
ଡେବରି ଗୋଡ ଟା ହେଲା ଛୁଟି ।୩୭।

ଜେନଛୁଆ ବଡ ବଡ ଢପ କଥା କହେସି, ସାନ ସୁରୁ କଥାକେ ବଢେଇ କରି ବଡ ବଡ ବାଏଗନ ବିକସି, ତାହାକେ ବିରଝାବାର ଗିତ:

ଢମ କହି ଘରେ ବାଜଲା ବଜା
ଠେଲକୋ ତୁନେ ଘି ପରଝା ।୩୮।

ଜେନଛୁଆ ବଡ ବଡ ଢପ କଥା କହେସି, ସାନ ସୁରୁ କଥାକେ ବଢେଇ କରି ବଡ ବଡ ବାଏଗନ ବିକସି, ତାହାକେ ବିରଝାବାର ଗିତ:

ଢମ କହି ଘରେ ବାଜଲା ବଜା
ଠେଲକୋ ତୁନେ ଘି ପରଝା ।୩୯।

ଧାନ ତାମେକର କୁଟଲି ଚୁନା
କେତେ ହେଲିଁ ଫେନ ଟେଢା ଦୁନା
ମାନେ କର ତହିଁ କଲିଁ ଗଏଁଠା
ମାଁ ହଲ ହଲ ପୁଅ ଅଏଁଠା
ଛ କୋର କଲିଁ ନ କୋର କଲିଁ
ସେଁକି ବୁଜି ଫେନ ତିନ କୋର କଲି
କହେଲେ କହେବ ଢପ କରୁଛେ
ଖାଏଲେ ଘି ଥିପି ପଡୁଛେ ।୪୦।

ଫୁଲେଇ ଟୁକେଲ କାରନେ ମେସି ନି ପାରେ । କାଲି ଗାଏର ଅଲଗେ ଗୋଠ ଲେଖେଁ ଅଲଗେ ଥିସି । ହେନତା ଟୁକେଲ କେ ବିରଝେଇ ଗିତ ଗାଏସନ:

ଫଲେଇ ଗାଲି ଲବର ମାଁ
ଧାନ ଘିନି ଜିମା ତମର ଗାଁ ।୪୧।

କେନସି ଛୁଆକେ ବେଦନ ବାହାରିଥିବା ବଏଲେ ବଡା ଗୁଲଗୁଲା ହେବାକେ ପଡସି । ଖେଲି ବୁଲି ନି ପାରେ କି ଠିକ ସେ ଚାଲି ଭି ନି ପାରେ । ତହାକେ ଦେଖି ବିରଝେଇ କରି ଗାଏସନ:

ଗଣେସର ଗିଜେ ବେଦନ
ଫାଟେ ନାଇଁ ଟୁଟେ ନାଇଁ
କରେ ଟନ ଟନ
ଗଣେସର ଗିଜେ ବେଦନ ।୪୨।

ଛୁଆମାନେ ପୁହୁରା ହେଲେ କି ସାପସୁତର ନି ରହେଲେ ଖସୁ ଖୁଜରି ବାହାରସି ଦିହେଁ । ଜାହାକେ ଖସୁ ହେଇଥିବା, ତାର ସାଁଗେ କିହେ ନି ମେସନ ଡେଗବା ବଲି । ତାହାକେ ବିରଝାସନ...

ଖସୁଆ ପାଁଡେ
ଧାନ ଦୁଇ ଖଁଡି
ଗୁରଜି ଖଁଡେ ।୪୩।

ଜେନ ପିଲା ଗଧା ଟା, ପାଠ ସାଠ ନି ପଢେ କି ପଠବା କେ ଠଁକୁଥିସି , ତାହାକେ ଦେଖଲେ ପିଲେ ଗଏସନ...

ମୁରୁଖ
ଲଟା ଘିଚେ ପରୁକ ପୁରୁକ
ପାଠ ପଢଲେ ପଁଡିତ ହେବୁ
ମୁରଖ ହେଲେ ଭାର ବୁହିବୁ ।୪୪।

ଛୁଆ ମାନକର ଗୁରସ ପିଆ ଦାଁତ ଭାଁଗସି , ନୁଆଁ ଦାଁତ ଆଁକରିସି । ଦାଁତ ଭାଁଗି ଖଁଡୁ ହେଇ ଥିବାର ପିଲାକୁ ବିରଝାସନ...

ସବୁ ପିଲା ଗାଧିଗଲେ
ଗୁଟେ ପିଲାନାଇଁ ,
ବଁଧ ତଲର ସୁକଟି ଗୁହୁ ଖାଇ ଖାଇ
ତାର ମଝିର ଦାଁତ ନାଇଁ ।୪୫।

ଟୁକେଲ ଖଁଡି ହେଇ ଥିଲେ ତାହାକେ ବିରଝାସନ...

ଖଁଡି ଦାଁତି ନରସିଁଘ,
ସବୁ ପିଲା କର ପାଡ ସୁଁଘ ।୪୬।

କେନସି ଟୁକେଲ ଟେରି ହେଇ ଥିଲେ କି ଟେରେଇ କରି ଦେଖୁଥିଲେ, ତାହାକେ ବିରଝଇେ କରି ଗାଏସନ...

ଟେରି ଟେକର
ଟେରି ଜାନେ ମନତର
ଟେରି ଦରପନ ଦେଖେ
ଟେରି କଜଲ ମାଖେ ।୪୭।

ଛୁଆ ମାନେ ତାକର ତାକର ଭିତରେ ଜିନିସ ଦିଆନିଆ ହେସନ । ଦେଲା ଜିନିସ କେ କିଏ ମଗଲା ବଏଲେ, ତାହାକେ ବିରଝେଇ ଗାଏସନ...

ଦେଲାଟାକେ ନେଲାରେ,
କଁଧ ଘଏଁତା କଲା ରେ ।୪୮।

ଜଧରଭି କନସି ଛୁଆ କେନସି ଗୁନୁ ଛୁଟେଇ ଛୁଟେଇ ଚାଲୁଛେ  ବଏଲେ ତାହାକେ ଦେଖି ବିରଝେଇ କରି କହେସନ...

ଟେହେଁଗା ଗୁଡାକେ ଫୁଲ ଚଁଦନ
ଉଡସା ଜିବାକେ ମନ ।୪୯।

ଛୁଆମାନେ ରକମ ରକମ ଖେଲ ଖେଲସନ । ଖେଲଲା ବେଲକେ କିଏ କିଏ ଖିଜନି ଭି କରସନ । ଖିଜନି କଲା ପିଲାକେ ବିରଝେଇ କରି କହେସନ...

ଖିଜିନି ଖିଜି ଗଲା
ଅଁଟାନେ ଦାଦୁ ହେଲା
ବଇଦ ଉସୋ କଲା
ନି ଛାଡଲା କାହାର ଗଲା
ଖିଜନି ଘରର କାଏଁ ତୁନ
କିରହା ସର ସର ମୁଗ ତୁନ ।୫୦।

କେନସି ଟୁକେଲ ଖିଜନି କଲେ ତାହାକେ କହେସନ...

ଟୁକେଲ ଗୁଟେ ଖିଜଲା ନ
କଁଧ ଘଏଁତା କଲା ନ  ।୫୧।

# (୪.୨) କବାର/ହଲିଆ ଗିତ

ଗିତ ଆର କାମ ଜଁଲାଜିଁଆ । କମିହାଁ ଗିତେ ହଜି ଜାଏସି । ମଏଧାନ ର ଖରା, ସରାବନର ଝଁକେର, ପୁସର ପବନ କିଛି ନି ବାଧେ । ନିଜର ଗିତର ଧୁନ ଥି ଜିବନ ଆର ସମାଜ ର ବର୍ନନା କରି ବିଭୋର ହେଇଜାଏସି । ଇ କରମ ଗିତ କେ ମୁନୁସ ଆର ମାହେଜି ଗାଏବାର ଅନସାରେ ଦୁଇଭାଗ କରା ଜେଇପାରେ । ସେ ଭିତ୍ରୁ ମୁନୁସିଲା ଗଉଥିବାର ଗିତ କେ ହଲିଆ ଗିତ କହେସନ ।

ସରାବନର ଝଁକେର ପାନି, ପୁସର ଥୁରଥୁରା ସିତେ ହଲିଆ ହଲ ଜୁତସି, ଧାନ ମଡାସି । ତାର ହାଡଭଂଗା ମେହନତେ ସାଁକାରର ଭଦରି ପୁରସି ହେଲେ ହଲିଆ କେ ତାର ମାସରି କେଭେ ନି ଅଁଟେ । ତାର ପରାନ ଛଟଛଟେଇ ଜାଏସି:

ବଏଲା ରେ କାଲିର ର ଖରା ଠାନୁ ଜେ
ଆଜିର ଖରା ଟାନ
ଭୁତି ତାମିକିଆ ଗୁଡ଼ି ଜିବନ
ଜିବନ ଘିନଇ ପରାଣ ହୋ... ।

ଦୁଖି ଜାନେ ଦୁଖର କଥା । ହଲିଆର ସାଂଗ ବଲଦ, ବେଲ ଉଛୁର ହେଲେ ହଲ-ହଲିଆ କେ ବାଧସି । ବଲଦର ଟୁଣ ନି ଫୁଟେ ହେଲେ ପାହା ସୁସ୍ତା ହୋଜାଏସି । ହଲିଆର ମନ ସାଁକାର ନି ଜାନେ ହେଲେ ହଲର ମନ ହଲିଆ ବୁଝସି ଆର ଗାଏସି:

ବଏଲାରେ,
ଚାଲ ଚାଲ ବଲଦରେ ନକର ଭାଲେଣି
ସୋଇବ ସିତଲ ଛାଇ ଜାଣିରେ ।

ହଲିଆ ଜେତେବେଲେ ଝାରକେ କାଟକାଟି ଜାଏସି, ଛିନା ଝାରେ ନିଜକେ ଏକଲା ନେଇଁ ଭାବେ । ବଲଦ ବାଗିର ଘର ପୁସା ଜନ୍ତୁମାନକୁ ନିଜର ସାଂଗ ବନେଇ କରି ଗାଏସି:

ବଏଲାରେ,
ଝାରର ଭିତରକୁ ପସିଗଲି ଏକା
କେହି ନାହିଁ ବଂଧୁରେ ବାଂଧବ
ବାଂଧବରେ ଝାରର ଜନ୍ତୁ ସଖାରେ ।

ଖରାମାସେ ଝାରେ ଜାନ୍ତକେ ଅଜାନ୍ତକେ ଜୁଏ ଲାଗିଜାଏସି । ପ୍ରକୃତି ନାରଖାର ହେଇଜାଏସି । ହଲିଆ ର ମନ କାନ୍ଦସି । ସବୁ ଦୋସ ଆର ପାପ କାମକେ ନିନ୍ଦା କରସି:

ବଏଲାରେ,
ଜନମ ହେଲୁ ବଲାରେ ଅଭେଲ କୁମର
ନିଆଁ ଲଗାଇଲୁ ବନସ୍ତ ଭିତର
ଜେତେ ଜିବଜଂତୁ ମରିଲେ
ମରିଲେରେ, ସେ ପାପ କାହାରରେ ।

ହଲିଆ ଅବିହାରି ହେଇଥିଲେ ତାର ବହୁ ଥିର ଆନିଦେସି । ଖରାଦିନେ ଜାମଗଛ ତଲେ କାଁକର ଲାଗସି ସେଥିର ଲାଗି ତାର ବହୁ ମନା କରସି ଜାମ ଡାଲ ଭାଂଗବାର କେ । ସେ କଥା ସେ ସୋର କରସି:

ବଏଲାରେ,
ସବୁ ଡାଲ ଭାଂଗିବ ଦିଅର ଜାମୁଡାଲ ନାଇଁରେ
ଆହା ଜାମୁ ଡାଲ ହେମ କାକର
ଆରେ କାକର ଖରାର ବେଳେ ଛାଇ ହୋ ।

ହଲିଆ ମନ ଭିତ୍ରେ ମନର କଥା ଦବେଇ ଦେଇଥିସି । ଛିନାଛକା ସଜ ପାଏଲେ ବଲଦକେ ସୁନାସି

ବାଟର ବିନୁଆଁ ଗଛ ଗାତ ଥିପି ତ ପଡେ ମହୁ
ଆଗର ପାନତି ରେ ଗା କାହାଘର ବହୁରେ
ଏ, ବହୁ ତ ଫୁଲମାଲେ ଦେମି ପରେ ବହୁ ଗା
ମୋର ଘରେ ଛନେ ରହୁ ହୋ ।

ହଲିଆ ତାର ଗିତେ ଦେ ଦେବତାକୁ ବି ସରଗୁ ଉତରେଇ ଆନସି ଖେତକେ । ସେମାନେ କୁଟୁମ ବସିଆ ଚାସ କରସନ ବେଲକେ ହଲିଆ ଗାଏସି:

ବଏଲାରେ,
ରାମ ଲଈଖନ ଜେ ଦୁଇଗୋଟି ଭାଇ
କେ ଫାନ୍ଦେ ନଂଗଲ ଜେ କେ ଫାନ୍ଦେ ଆଡ ମଇ
କାଦୋ କରିଛନ ଗଜବାହାଲେ
ଗଜ ବାହାଲେ କେଁ, ସିତୟା ଜିବେ ରୁଇ ହୋ... ।

ସେ ପାଠୁଆ ପଣ୍ଡିତ ମାନକୁ ସଁକିରସି ହେଥିର ଲାଗି ତାର ସାଂଗ ବଲଦ କେ ପଚରାସି:

ବଏଲାରେ,
ଏକ ଗୁଟି ଡିମ କୁ ଜେ ଦୁଇ ଗୁଟି ଛୁଆ
ଗୁଟେ ନିଲବର୍ନ ଜେ ଗୁଟେ ଧଉଲିଆ ହୋ
ଡେନା ନାଇଁ ପଖିତ ସୁନ୍ୟରେ ଉଡୁଛେ
ପାନି ନାଇଁ ହଂସରେ ଚହଲା ମାରୁଛେ,
ପାଠ କରି ଦେବୁ ଭାଇ ପଂଡିତ ମୁରୁଖ ପଚାରୁଛେ ହୋ ।

ହଲିଆ ଗିତେ ସାମାଜିକ ଛଏଁରା ବି ଦିସସି । ଲୋକର ବିସାସ, ଭୁତପ୍ରେତ, ରିତିନିତି ଚାଲି ଚଲନ ଝଲକିସି ।

ବଏଲାରେ
ଗୁପର ଗଉଡ ଗୁପେ ହୋଇଲେରେ ବାଇ
କାହ୍ନୁ ସାଂଗେ  ଗଲେ ଜେ ତାଲ ସଜ ଖାଇ
ତାଲ ତଲ ଭୁତରେ ମାତଇ ଅବେଲ କହ୍ନାଇରେ ।

କୋସଲି ମାହେଜି ଉସା ବରତ ବଦିଆଁ କରସି । ସେଟାକେ ଦେଖି ହଲିଆ ଗାଏସି:

ବଏଲାରେ,
କାଲି ଗୁରି କରି ଦୁହେଁ କରିଲେରେ ଉସା
କାଲି ପେଟେ ବାଲି ର ଜନମ
ଆରେ ଜନମ, ଗୁରି ର କୁଲ ଛୁଛା ରେ, ହ  ।

ତାର ସାଁକୁର ମର୍ଲା ଭିତରେ ରାମାୟଣ, ମହାଭାରତ, ହରିବଂସ ବାଗିର ପୁରାନ ଗାଇଦେସି; ଗୁଟେ ପଦେ ଗୁଟେ ଅଧିଆ । ସେଥି ଅଲଂକାର ନାଇଁ ଥେ, ରସ ଥିସି, ଚାତୁରି ନେଇଁ ଥେ, ମାଧୁରି ଥିସି, ବର୍ନନା ନେଇଁ ହେଲେ ବ୍ୟଂଜନା ଅଛେ ।

ବଏଲାରେ,
ଦୁଲିତ ଦୁଲିରେ ସିଆଲି ଲଟା ଦୁଲି
ଦୁଲି ଝୁଲୁଥିଲେ  ପ୍ରଭୁ ବନମାଲିରେ
ଆହା, ଝାରେ ବୁଲୁଥିଲା ଜାରା ସବର
ମାଇଲା ମୃଗ ବୋଲିରେ ।
ବଏଲାରେ, ମାଇଲା ସବର ତୋହର ଦୋସ ନାହିଁ
ତୋହର ବାପକୁ ମାରିଥିଲିଁ ମୁହିଁ
ଆହା ପିତା ମରା ରୁଣ ଜେଭେ ସୁଝିଲୁ
ସୁଝିଲୁ ସବର ପୁଅ ତୁହିରେ ।

ହଲିଆ ଗିତ ପ୍ରାୟ ତିନ ପାଦ ଥିସି । ଠାନ ଠାନ ପାଁଚ ଛ ଚରଣ ବି ଲମସି । ହଲିଆର ପାରିବାରିକ, ସାମାଜିକ ଜିବନ ସାଂଗେ ପୁରାଣ କଥା ବି ହଲିଆ ହେଇ ଜାଏସି । ହଲିଆର ସିରଜିନା ବେଜୋଡ, ଅନୁଭୁତି ଜେତକି ବାସ୍ତବ ସେତକି ସରସ ସୁନ୍ଦର ଆର ମନଉଲସ୍ୟା ।

# (୪. ୩) ପ୍ରେମ ଗିତ

ପଶ୍ଚିମ ଓଡିସା ର ଲୋକ ସାହିତ୍ୟ ରେ ପ୍ରେମ ଗିତ ର ପରିମାଣ ବୋଧେ ସବୁ ନୁ ଜହ । ପ୍ରେମ ଗିତ ଜୁଆନ ଧଂଗରା-ଧାଂଗରି ର ମନ ଭିତରେ ଦବି ରହେଲା ଭିନ ଭିନ ପ୍ରେମ ଭାବ କେ ମୌକା ଦେଖିକରି ଆର କେନ ଉପମା ର ଉଧେ ମନ ର କଥା କେ ଡିଲିଥିସି । ସାହିତ୍ୟ ର କଲାତ୍ମକ ଘୁରେନ ଭିତରେ ସମାଜ ନ ସ୍ୱିକୃତି ନି ପାଏଲା ରସ ବାଗିର ଲାଗୁଥିବା ହେଲେ ରସ ନି ହେଇଥିବା କେତନି ସାହିତ୍ୟ କେ "ରସାଭାସ" କହିପାରମାଁ । କୋସଲି ଲୋକ ସାହିତ୍ୟ ଥି ରସ ନୁ ରସାଭାସ ସାହିତ୍ୟ ପରିମାଣ କେତନି । କେତେବେଲେ ଲୋକକବି ସିଧା ନିଜର ମନର କଥା କହି ନି ପାରି ପୌରାଣିକ ଚରିତ୍ର ରାଧା-କ୍ରୁସ୍ନଁ ଉଧେ ନିଜର କଥା କହିଥିସି ତ କେତେବେଲେ ପ୍ରକୃତି କେ ନିଜର ରାଂଝ ବନେଇଥିସ । ପ୍ରେମ ଗିତ ମାନେ ପରବ-ପର୍ବାଣି, ଜାନି-ଜାତ୍ରା, ତିହାର-ବାର ଆର ବଛର ର କେନସି ବି ସମିଆଁ ଥି ବନିଥିସି । ଇ ପ୍ରେମ ଗିତମାନେ କେନଟା ବାଜନା ସାଂଗେ ବେଭାର ହେସି ତ କେନଟା ବିନ ବାଜନା ଥି । ପ୍ରେମ ଗିତ ମୁନୁସ ଆର ମାହେଜି ଦୁହି ଲୁକ ଗାଏସନ ।

## (୪.୩.୧) ଡାଲଖେଇ

ଦସରା ମାସ, ଉଜଲ ପଖ ର ଅସ୍ଟମି ଦିନ କୋସଲାଂଚଲ ନେ ଭେ ଜିଁତା ମନାହେସି । ଦିନେ ଗାଁ ର ଟୁକେଲମାନେ ନିଜର ଭେ ର ମଂଗଲ ଲାଗି ନିର୍ଜଲା ଉପାସ ରହେସନ । ହେ ଦିନ ରାତି ପୁଜା ସରଲା ପରେ ଡାଲଖେଇ କୁଠି ନ ରେତ ଭର ଆର ଇ ଦିନୁଁ ପୁନି ତକ ଫି ରେତ ଡାଲଖେଇ ନଚା ହେସି ।

ଡାଲଖେଇ ପ୍ରକୃତ ଥି ଗୁଟେ ଦେବି ଆନ । ତାକର ଆସ୍ଥାନ କେ ଡାଲଖେଇ କୁଠି ବଲସନ । ଡାଲଖେଇ ନାଁ ଟା ଦେବିଂକର ନାଁ ଅନସାରେ ଦିଆହେଇଛେ । ଜେହେତୁ ସେ ନାଚଟା ତାକର ପୁଜା ବେଲ କେ ନଚା ହେସି । ଆଘୋ ର ଲୋକ ଝାର-ଖମନ ର ପସୁ ଜଂତୁ ଆର ବିପଦ-ଆପଦ ନୁ ବଁଚାବାର ଲାଗି ଦେବି କେ

ପୁଜା କରୁଥିଲେ । ଫେର ଧିରେ ଧିରେ ଡାଲଖେଇ ଦେବି ବନଦୁର୍ଗା ଆର ଦୁର୍ଗା ସାଂଗେ ଏକେ ନାଁ ରେ ଜନା ଗଲା । ଇ ପୁଜା ସାଂଗେ ଜଡିତ ଥିବାର ନାଚି ଥି ଗାଁର ସମକିର ର ସୁଖସାନ୍ତି ଲାଗି ପ୍ରାର୍ଥନା କରାହେସି ।

## ଡାଲଖେଇ ପୁଜା

ଅସ୍ଟମି ଦିନ ଟୁକେଲମାନେ ନଏଦଖଁଡି କି ବଂଧଘାଟେ ଠୋଲ ହେସନ । ଗାଧିପାଧି ସାରିକରି ତାକର ଭିତ୍ରୁ ଝନେ ନଏଦ କି ବଂଧ ଭିତ୍ରୁ ସାତ ଉଁଝଲା ବେଲ ଆନିକରି ପୁଜା କରବାର ଲାଗି ଗୁଟେ ପିଁଢା ବନାସନ । ସେଥି ଆମ ପତର ଥୁଇ କରି ତେହିଁ ର ଉପରେ ଜଲଲା ସଏଲତା ରଖସନ । ଇ ପୁଜା ସାତଥର ସାତଟା ଟୁକେଲ ସାତ ଉଁଝଲା ବେଲ ଆନିକରି କରସନ । ତେହରୁ ଡାଲଖେଇ କେ ପୁଜା କରାହେସି । ଡାଲଖେଇ ପୁଜା ବେଲକେ ନାଚ ଗିତ ହେସି ।

ନଁମି ଦିନ ଫେର ଟୁକେଲମାନେ ଡାଲଖେଇ କୁଠି ନ ଠୋଲ ହେସନ  ଆର ଜାହା ଜାହା ପୁଜା ଖଂଜା ଲାଗିଥିସି ସବୁକେ ଠାନେ କେ ଜୁଗରାସନ ଆର ବଜା-ଗଜା କରି କରି ବଂଧକେ ଉହଲେଇ ନେସନ । ତବ ବି ଦସରା ର ଦସମି ତକ ସବ ଡାଲଖେଇ  ନାଚିଥି ମାତାଲ ହେଇ ଥିସନ । ସାରା ଗାଁ ବିନସୁରିଆ ହେଇ ଜେଇ ଥିସି ଇ ନିସା ଭରା ନାଚି ଥି ।

ଡାଲଖେଇ ପୁଜା ହିସାବେ ମନାହେସି ହେଲେ ନାଚ ଗିତଟା ତାର ଜିବନ ଏ । ନାଚନିମାନେ ଅଧଖଣିଆ ଜନ ଆକାରୁ ଠାଡ ହେଇକରି ନାଚସନ । ପହେଲା ଦୁଇ ପଦ ଗିତ ଗେଇ ଦେବେ ଆର ଫେର ଡାଲଖେଇ ପାରେ ବଜା ର ସୁରେ ଅଁଟା ଲୁହି କରି ନାଚସନ । ଜୁଲି ଜୁଲି ହେଇ ଗାନା ବାଜନା ର ତାଲେ ପ୍ରସ୍ନ ପଚରା-ପଚରି, ବିର୍ଝା-ଖିର୍ଜା ହେସନ । ଡାଲଖେଇ ର ଗିତମାନେ ସାଂଗେ ସାଂଗ ପଦ-କେ-ପଦ ଭିରେଇ କରି ଖିଆଲ-ମସଗୁଲ, ବିର୍ଝାଖିର୍ଜା, ପ୍ରେମ, ପୁରାଣ ଆଦିର କଥା ବସ୍ତୁକେ ନେଇକରି ଗେସନ ।

## ସାକେତ ସ୍ରିଭୁସଣ ସାହୁ

ଡାଲଖେଇ ରେ...ଡାଲଖେଇ ରେ...
ତୁମେ ତ ଛୁଇଲ ନାଗର ବଲା,
ତୁମର ଲାଗି ମୋର ଜିବନ ଗଲା
ତୁମର ଲାଗି ଘରେ ଖାଏଁ ମୁଇଁ ଗାଲି
ତୁମେ ଦଗାଦିଆ ନାଗର
ହେ ବନମାଲି, ମଜୁର ଚୁଲି କାଏଁ ଡାଲଖେଇ ରେ... ।

ଡାଲଖେଇରେ...ଡାଲଖେଇରେ...
ମୁଇଁ ତ ଭଣଜା ତୁମେ ମୋର ମାଇଁ,
ତୁମର ଲାଗି ଆଁଖି ଝୁମୁରା ନାଇଁ
ତୁମର ଲାଗି କେତେ ଗାଇ ଚରାଇ
ଖୁଜି ନୁରି ବୁଲେଁ ଜମୁନା ଜାଇ,
ଜମୁନା ଜାଇ କାଏଁ, ଡାଲଖେଇ ରେ... ।

ଡାଲଖେଇରେ...
ସ୍ରାବଣ ମାସରେ ଝରି ବରସା
ତମର ଦିହଁକେ କରିଛେଁ ଆସା
ଚନ୍ଦର ଉଦିଆଁ ମୁହଁ ମୋହର
ବାଟ ଦେଖୁଛେଁ ଅଠି ପହର
ଆସାଢ ଗଲା ଜେ ସ୍ରାବଣ ଜିବା
ବାଟ ଦେଖି ଦେଖି ଦିନ ସରିବା
ଆସ ଆସ କର ଗମ୍ଭିରି ବିଜେ
ସୁଆମି ତମକୁ ଦିହର ସେଜେ
କାଏଁ ଡାଲଖେଇରେ..... ।

## (୪.୩.୨) ରସରକେଲି

ଡାଲଖେଇ ବାଗିର ରସରକେଲି ଗିତ ବି ଲୋକ-ଧର୍ମ କେ ଆଧାର କରି ବନିଛେ । ରାସକେଲି ନୁ ରସରକେଲି ବନିଥିବା ଅନୁମାନ । ଇଥି ରାଧା-କୁସ୍ଟଁ କୁ ଆଧାର କରି ପ୍ରେମ ଭାବନା ପ୍ରକାସ କରାହେସି । ପ୍ରେମ ରସ ରସରକେଲି ଗିତ ର ନିହି । ବାଜନା ର ଉଧେ ଦୁହେଁ ମାହେଜି ଆର ମୁନୁସ ନାଚି ନାଚି ବେଭାର ହଉଥିବା ରସରକେଲି ଗିତ, ଡାଲଖେଇ ଉତାରୁ ପସ୍‌ଚିମ ଓଡିସା ର ସବୁ ନୁ ଜହ ଲୋକ ର ମନ କେ ଛିଁ ପାରିଛେ । ଇଟା ଧର୍ମ ଉଛବ, ବିହା-ବରପନ, ଆର ଭିନ ଭିନ ଉଛବ ଥି ବେଭାର ହେସି ।

ରସରକେଲି ରେ...
ଖଜୁର ଗଛ କେ ଗୁନଚା ମୁସା ଚଢିଗଲା
ଖଜୁର ଗଛ କେ ଗୁନଚା ମୁସା ଚଢିଗଲା
କଲାକାହ୍ନୁର ବଇଁସି ସୁନି ରାଧା ବାଇ ହେଲା
ରାଧା ତର ତର, ଛାଡି ଘର ବର,
ଆସି ଜେଭେ ମିଲିଗଲା କଦମ୍ବର ମୁଳ
କାହ୍ନୁର ପ୍ରେମ ଥି ଭୁଲେ ମାତିଲା
ରସ ମାଡିଗଲା ରସ ରସକି ଗଲାରେ
ଆମର ବାଡିଆଡେ କଲା ଦହନା
ଟଂକେ ବାରଅନା ରସ ରସକି ଗଲାରେ ।

# (୪.୩.୩) ମାଏଲାଜଡ

ରସର ବଏଡ ହିଁ ସାହିତ୍ୟ କେ କାଲଜଇ କରିଦେସି । ଲେଖକ ଆର ପାଠକ ଭିତରେ ଭାବର ସେତୁ ଟେ ବାନ୍ଧି ଦେସି । ମାଏଲାଜଡ ବି ପ୍ରେମ ରସ ଆଧାରିତ ଲୋକ ଗିତ । ବାଜନା ଆର ନାଚ ସାଂଗେ ମାଏଲା ଜଡ ପରସା ହେସି ।

ଟିପିଡାଲେ ମହୁଘରା ଥିପି ପଡେ ରସ
ମନ ଛନ ଛନ ଗାଲିର ଧାଂଗିରି ବୟସ
ଜେବେ ଦେଖୁଥିଲେ ନୁଆଁ ଦିସଛେ
ଜେତେ ଦେଖୁଥିଲେ ନୁଆଁ ଦିସୁଛେ
ଡାର ବଏସର ଭବିସରେ ଅଏଁଲା ଡାଲ
ଡାଲର କୁଚି କୁଚି ଗାଲରେ ସରଗିମାଲ
ମାଲର ହଲଦିମଖା ଗାଲରେ ଅଏଁଲାଡାଲ
ଡାଲର କଥା ଲଡବଡରେ ମାଏଲା ଜଡ । ୧ ।

ବାଲକେରା କେରା ଧନ ଚାଏଁରି ମୁଡିର ଖୁସା
ଖୁସାକେ ସୁନ୍ଦର ଦିସେ ଚାଏଁରି ମୁଡିର ଖୁପା
ଘିନି ଦେମିଁ ଜୁଡା କାନର ଫସିଆ
ଥିବା ଛ ଛ ମସାରେ, ପିନ୍ଧେଇଦେତିଁ
ମନ ଭଏର ତତେ ଦେଖୁଥିତିଁରେ ମୋର ଖଏଡକା ପାତି
ବୁଡାଇନେଲୁ ଆଗର ଗତିରେ ମୋର ଖଏଡକା ପାତି
ପାତି କେ କୁଲେ ଧରିଥିତିଁରେ ମାଏଲା ଜଡ । ୨ ।

## (୪.୩.୪) ଜାଇଫୁଲ

ଜାଇଫୁଲ ନାଚ କେ ଉଧା କରି ପରସା ହେସି । ପ୍ରେମ ରସ ଥି ଜଜବଜ ଜାଇଫୁଲ ।  ଜୁଆନ ପିଲା ଟୁକେଲ ଦଲ ଦଲ ହେଇ ବାଜନା ର ସୁରେ ନାଚସନ ଜାଇଫୁଲ ଗିତ ଗାଇ ଗାଇ । ଜାଇଫୁଲ କେ ବାରମାସି ଗିତ ଭିତରେ ବି ରଖା ହେସି ।

ଗିନାରେ ଖାଇଲି ଗୁଡ
ଆହା ଜାଇଫୁଲ, ଗିନା ରେ ଖାଇଲି ଗୁଡ
ଆମ ବଗିଚାରେ ଫୁଟିଛି ଫୁଲ
ଫୁଟିଛି ଫୁଲ
ଜାଇଫୁଲ କିନ୍ଦିରି କିନ୍ଦରି ଝୁଲ ।

ବଇସାଖେ ଟାଣ ଖରା
କେନେ ଗଲୁ ମୋର ବାଗିରି ଧରା
ଜାଇଫୁଲରେ, ମୁହୁଁନେ ବାଜିବା ଖରା
ପେନ ନେଇଁ ମିଲେ ଡଂଗରି ତଲେ
ଆରେ ଜାଇଫୁଲ, ତୋର କଥା ବସି ଭାଲେ  ।

ଜାଇଫୁଲରେ,
କାଦୋ କାଦୋ ଭୋଦୋ ମାସ
ନୁଆଁଖାଇ କାଜେ ନୁଆଁ କପଟା
ଜାଇଫୁଲରେ, ଘିନିମାଁ ଆଜିର ହଟେ
ବାଦଲ ନାଚୁଛେ ଘଡିକି ଘଡି
ଆରେ ଜାଇଫୁଲ, ନାଇଁ ଜଅ ସାଂଗ ଛାଡି  ।

## (୪.୩.୫) ଚପକରାଟି

ଚପକରାଟି ନାଚ କେ ଆଧାର କରି ଗିତ । ବିସେସକରି ନୁଆଁପଡା , ବଲାଂଗିର ଜିଲ୍ଲାରେ ଦେଖବାର କେ ମିଲସି । ଗଁଣ, ଭୁଂଜିଆ ଆଦି କର ବିହା ବରପନ ଥି ମାହେଜି ମୁନୁସ ନାଚି ନାଚି ଚପକରାଟି ଗିତ ଗାଏସନ । ଚପକରାଟି ଗାଏଲା ବେଲେ ମାହେଜି ମାନେ ରାମକାଠି ବଜାସନ ।

ମାହେଜି ମୁନୁସ ନାଚି ନାଚି ଗଉଥିବା ଇ ଚପକରାଟି ଗିତ ପ୍ରେମ ଆଧାରିତ ।

ବମ୍ବୁର ଗଛେ ଉରମାଲ
କୁରକୁଚି ମୁଡି କେ ବାସନା ତେଲ
ସୁଆଁରି ସୁଆଁରି ଖେଲରେ ଚପକରାଟି,
କୁକୁଡା ଡାକିଲା ରାତି ରେ ଚପକରାଟି ।

କୁସେର ବାରିର ମେରହା,
ଫୁଲ ଗୁଁଥିଦେମିଁ ସେରାକେ ସେରା
ନନି ଖୁସାକେ ଅଡାଲା ପରାରେ ଚପକରାଟି,
କୁକୁଡା ଡାକିଲା ରାତି ରେ ଚପକରାଟି ।

## (୪.୩.୬) ନିଆଲି ମଲି

ନିଆଲି ମଲି ପସ୍ଚିମ ଉଡିସା ର ନାଚ କେ ଆଧାର କରି ବନିଥିବା ଗିତ । କଲାହାଁଡି ଅଂଚଲ ର କନ୍ଧ, ସବର, ଆଦି ଆଦିବାସି ଆର ଗଉଡ, ବଂକା ଆଦି ଜାଏତ ଭିତରେ ଚଲି ଅଉଛେ । ବିହା ବରପନ, କି ଆର କେନ ଉଛବ ଥି ନିଆଲି

ମଲି ଗୁଆ ହେସି । ମାହେଜି ମାନେ ରାମକାଠି ଧରିକରି ଅଁଟା ଧରାଧରି ହେଇ ସଜ ହେସନ  ମୋଡୋମାଲେ (ମଂଡପ) ।

କୁଇଲି ଗାଉଛି ଗିତ, କୁଇଲି ଗାଉଛି ଗିତ
ଆମେ ଦୁହି ଝନ ବସିମା ମିତ
ସତେ, ଚଗିଜିମା ପରବତରେ, କାଲି ନିଆଲି ମଲି  ।
ନିଆଲି ମଲି ର ବାଟର ଘର
ସତେ, ଜୁଏ ମଗା ବଡା ଡରରେ, କାଲି ନିଆଲି ମଲି  ।

ମୁଲୁକି ମୁଲୁକି ହଁସ, ମୁଲୁକି ମୁଲୁକି ହଁସ
ବିଦେସି ବାବୁରେ ଜୁବା ବୟସ
ହେଲେ ଜାତି ଦେଖିକରି ରସରେ, କାଲି ନିଆଲି ମଲି
ନିଆଲି ମଲିକେ ଦେଖିବି ବଲି
ସତେ, ନଦି ନାଲ ଦେଗି ଗଲିରେ, କାଲି ନିଆଲି ମଲି  ।

ମଲି ଫୁଲ ଦନା ଦନା, ମଲି ଫୁଲ ଦନା ଦନା
କେନ ମଲି ଫୁଲେ କେନ ବାସନା
ସତେ ସୁଂଘିଲେ ଜାନିବୁ ସିନାରେ, କାଲି ନିଆଲି ମଲି
ନିଆଲି ମଲି ମୋର ରସ କମଲା
ସତେ, ବୁଲୁ ଥିସି ପରା ରା ରେ କାଲି ନିଆଲି ମଲି  ।

## (୪.୩.୭) ଭମରା

ଭମରା ଗିତ ମାହେଜି ମୁନୁସ ଦୁହେଁ ଗାଏସନ । ଇ ଗିତ ଗୁତା ଉଚାର କେ ନେଇ ଆଧାରିତ ।

ସାହାଜ ପତର ହାତେ ଜେ
କାହାର ମହନି ଲାଗିଲା ତତେ
ଲାଗିଲା ତତେ ହୋ ସତେ, ଆଉ ମୁହୁଁ କଲୁ ମତେ ଭମରା ରେ । ୧ ।

ଭମର ବର ମ୍ଝା ରାତି ନେଇଁ ଲାଗେ ଝୁମୁରା
ବୁଲି ଆଏବ ଆମର ପରା କରି ଦେମୁଁ ଦରମରା । (ଘୁସା)

ଖୋରିକେ ଗିନା ଗରଜନ, ଟଁଟି ମାଡିଦିଅ ଜାଉ ଜିବନ
ଜାଉ ଜିବନ ହୋ ସତେ, ତମର ପାଖେ ଥାଉ ମନ ଭମରା ରେ
ଭମର ବର ମ୍ଝା ରାତି ନେଇଁ ଲାଗେ ଝୁମୁରା । ୨ ।

ଡିବି ଡିବି ଡିବି ଡିବି, ଡିବି ଦେଲେ ମୁଇଁ କେଁ କରିବି
କେଁ କରିବି ହୋ ସତେ, ଫୁଲମାଲା ଦେଲେ ଜିବି ଭମରା ରେ
ଭମର ବର ମ୍ଝା ରାତି ନେଇଁ ଲାଗେ ଝୁମୁରା । ୩ ।

## (୪.୩.୮) ଲେଲେ ଲହରି

ଲେଲେ ଲହରି ଗିତ ବିହା ବରନ ବେଲକେ ବଜା ସାଂଗେ ଗାଏସନ । ଇଥି ବି ମାହେଜି ମୁନୁସ ଗୁତା ଉଚାର ହେଲା ବାଗିର ହେସନ ।

ପିଲା :   ଲେଲେ ଲହରି ଲହରି  ପୁରି ରହିଛେ ବୟସ
ଝର ଝର ହି ଝରୁଛେ ରସ
ଲେଲେ ଲହରି ଲହରି ପଛନ୍ତେ ପାଏବୁ କିସ
ଟୁକେଲ : ଲେଲେ ଲହରି ଲହରି ଜନ କେ ଧରେ ଗରନ
ଆମେ ଦୁହି ବୁହେନି ଗୁଟେ ବରନ
ଲେଲେ ଲହରି ଲହରି କାହାକେ କରୁଛୁ ମନ

ଟୁକେଲ :ଲେଲେ ଲହରି ଲହରି ଡିବି ଡିବି ସହେ ଡିବି
ହେଲେ ମୁଇଁ କିସ କରିବି
ଲେଲେ ଲହରି ଲହରି ଫୁଲମାଲ ଦେଲେ ଜିବି
ପିଲା :   ଲେଲେ ଲହରି ଲହରି ତେତେଲ ପତର ସୁରୁ
ତତେ ନେଇଁ ଜିମି ସମଲପୁରୁ
ଲେଲେ ଲହରି ଲହରି  ଧାନକଟା କଟି ସରୁ

## (୪.୩.୯) ସଜନି

ସଜନି ଗିତ ଟୁକେଲ ମାନେ ଗାଏସନ । ଜଉବନ ଦେସେ ପାହା ଦଉସନ ସାଏର ମନ ର ରାଏଜେ ଜେନ ଭାବନା ମାନେ ବନିଥିସି ତାହାକେ ସଜନି ଗିତେ ଉଖଲା କରିଥିସନ ।

ଚାଉଲ ଲଗାମି କେତେ
ବେଲେ ବସେଁ କିଛି ନାଇଁ ରୁଚେ ସଥେଁ

ଧନ ଟିଆ ଦେଇଥିଲୁ ମତେ, ସଜନିରେ ।

ପାନି ଫୁଟେ ଡବ ଡବ
ଆମକେ ଛିଇଁଲେ, ଅଛିଆଁ ହେବ
ଧୁରେଁ ଧୁରେଁ ଠିଆ ହେବ, ସଜନିରେ ।

ଦାଆ ନ ଦାଏଲିଁ ଗୁଛା
କାହିଁ ଗଲେ ମୋର ମନ ମୁରୁଛା
ସଥେ ପଲଂକ ହଇଛେ ଛୁଛା, ସଜନି ରେ ।

# (୪.୪) ତିହାର-ବା'ର

କୋସଲ ବାହି ନ ତିହାର-ବା'ର ଜଜବଜ ମାନସନ । ମୁଖିଆ ତିହାର ମାନେ ଚାସ ଆର ଆଦିବାସି ମାନକର ଚଲନି କେ ଆଧାର କରି ମନାହେସି । ନୁଆଁଖେଇ, ଫୁସପୁନି, କରମା, ବନାବାଡି/ଗୌର ବାଡି, ଆଦି ଗିତ ମାନେ ତିହାର ବାର ବେଲକେ ସୁନବାର କେ ମିଲିଥିସି ।

## (୪.୪.୧) ନୁଆଁଖେଇ

ନୁଆଁଖେଇ ଅନ୍ନ ପୁଜା ର ପରବ । ଇ ପରବ ବୈଦିଗ ଜୁଗୁଁ ଚଲି ଆସୁଛେ । ମୁନି ରୁସି ମାନେ ପଂଚ ଜଗଁ୍ୟ କରୁଥିଲେ । ସେ ପାଁଚ ଟା ଜଗଁ୍ୟ ହେଲା, ସିତା ଜଗଁ୍ୟ (ଜୁତବାର), ପ୍ରଭାପନ୍ନ ଜଗଁ୍ୟ (ବୁନବାର), ପ୍ରଲମ୍ବନ ଜଗଁ୍ୟ (କାଟବାର), ଖଲା ଜଗଁ୍ୟ (ମଡାବାର), ପ୍ରୟୟନ ଜଗଁ୍ୟ( ସୁରଖିତ ରଖବାର) । ନୁଆଁଖେଇ

ତିସରା ଜଗାଁ୍ୟ, ପ୍ରଲମ୍ବନ ଜଗାଁ୍ୟ ନୁ ମୁଲ । ଇଥି ଅନ୍ନ କେ କାଟିକରି ଅନ୍ନ ଦେବି କେ ପୁଜା କରି ତାହାକେ ଚଢା ଜାଏସି ।

ଆଝିର ସମିଆଁ ରେ ପସଚିମ ଓଡିସା/କୋସଲ ଅଂଚଲ ରେ ନୁଆଁଖେଇ ପାଲନ ବଡା ଉସନାକି ଥି ମନା ଜାଏସି । ପହେଲା ନୁଆଁଖେଇ ର ତିଥି ଧାର୍ଜ୍ୟ ହେସି । କଲାହାଣ୍ଡି ଅଂଚଲରେ ଦସରା ଦସମି ଦିନେ ନୁଆଁ ଖାଏସନ । ହେଲେ ବାକି ପସଚିମ ଓଡିସାର ସବୁ ଆଡେ ନୁଆଁଖେଇ ଭୁଦୋ ମାସର ପଂଚମି ତିଥି ନ ପାଲନ କରା ହେସି । ନୁଆଁ ଖାଏବାର ପନ୍ଦର ଦିନ ଆଘୋନୁ ଜିଏ ଜେନ୍ତା ଘର-ଦୁଆର ଲିପା-ପୁଛା କରସନ । ନୁଆଁ କପଡା-ଲତା, ହାଟ-ବାଟ କରସନ ।

ନୁଆଁଖେଇ ଦିନ ସଖାଲୁ ଗାଁର ବାମହନ/ଝାଁକର ମାହାପୁରୁ ଠାନେ ପୁଜା କରି ସାରଲା ଉତାରୁ ସମକିରର ଘରକେ ନୁଆଁ ଚରା ବାଁଟିସନ । ଘର ମାନକୁ ସଖାଲୁ ଉଠିକରି ଖେତ କେ ଜେଇକରି ଧାନ ଗଛ କେ ପୁଜା କରସନ । ଘରେ ଗୁହାଲେ ଗାଏ-ଗୋରୁ କେ ପୁଜା କରସନ । ନିଜର ଇସ୍ଟଦେବି, ଦେବତା କେ ପୁଜା କରସନ ଆର ନୁଆଁ ଲଗାସନ । ତାର ଉତାରୁ ଘରେ ସବେ ଠାନେକେ ବସିକରି ନୁଆଁ ଚରା ଖାଏସନ । ନୁଆଁ ଚରା ଖାଇ ସାରଲା ଉତାରୁ ସାନ ମାନେ ବଡ ମାନକୁ ଜୁହାର କରି ଆର୍ସିବାଦ ନେଇଥିସନ ।

କିଛି ଲୋକ ଗିତ ରେ ନୁଆଁଖାଇ

ଚୁଆଁ ଚୁଆଁ ଚୁଆଁ.....<br>
ବିଦେସ ନାଇଁ ଜା ଅଧୁଆ ମୁହାଁ<br>
ଭୁଦୋ ଥି ଖାଏମାଁ ନୁଆଁରେ<br>
ଏ ଗଂଜା ମାର ମଂଜା<br>
କେଲି କଦମ ତଲେ ମୁରି ଭଜା ରେ<br>
ଗଂଜା ମାର ମଜା

ଗଂଜା ଗଂଜା ବଲି ଡାକୁଛେ ପୁଇ
ଗଂଜା ଜେଇଛେ ମଚା ସୁଇ ରେ
ଗଂଜା ମାର ମଂଜା
କେଲି କଦମ ତଲେ ମୁରି ଭଜା ରେ ।। (୧)

ମୁନୁଗା ଗଛ ର ଛାଇ ରେ
ମୁନୁଗା ଗଛ ର ଛାଇ
ଟାଡ ବାହାସୁତା ଦେମି ବନେଇ ରେ ଦେମି ବନେଇ
ଆମେ ଗାଁ କେ ଜିମା ନୁଆଁଖାଇ,
ସୁରୁବାଲି ସୁରୁ ସଜନା
ବନା ଲହ ମାଡି ହେଲୁ ବନା, ସୁରୁବାଲି ସୁରୁ ସଜନା ।। (୨)

## (୪.୪.୨) ଫୁସପୁନି

ଫୁସପୁନି ସସ୍ୟ ଅମଲ ର ତିହାର । ପସ୍‌ଚିମ ଓଡିସା ରେ ବିସେସ କରି ଧାନ ଚାସ ମୁଖିଆ ଚାସ ଏ । ଧାନ କେ ମଡେଇକରି ଘର କେ ଅନି ସାରଲା ପାରେ ଖଲା ଛାଡ କରାଜାଏସି । ଫୁସ ମାସ ତକ ପ୍ରାୟ ବଛରେ କର ଚାସ ସରି ଜେଇଥିସି । ସେ ଦିନ ହଲିଆ, ଗୁତି ମାନକର ବି ହିସାବ ଛିଡେଇ ଦିଆହେସି । ସାହକାର ମାନେ ଜିଏ ଜେନ୍ତା ଉସତ ହେଇକରି ହଲିଆ ମାନକୁ କପଡା-ଲତା, ଖାନା-ପିନା ଦେସନ । ହଲିଆ ମାନକର ବାହାରେ ଗାଁର ଆର ବି କବାର-ଗୁତା କରୁଥିବାର ଲୋକ ଜେନ୍ତା, ନରିହା, ଝାଁକର, ଆଦି ସାଁହକାର ମାନକର ନୁ ଛେରଛେରା ମାଗସନ । ଫୁସପୁନି ଉତାରୁ ଚରୁହା ବି ଫେର ଚାସ ମୁଲ ନି ହେବାର ତକ ଗାଏ-ବଲଦ ଚରାବାର ଛାଡି ଦେସି ।

ଫୁସପୁନି ଦିନ ସଖାଲୁ ଗାଁର ଗରିବ ଛୁଆମାନେ ଘର ଘର ବୁଲି ଛେରଛେରା ଗିତ  ଗାଇ ଗାଇ ଛେରଛେରା ମାଗସନ ।

**ଛେରା ଛେରା ଗିତ**

ଛେର ବୁଢ଼ି ଛେରଛେରା.....
ଇ ଘର ର ବୁଢ଼ି କାହିଁଗଲା...
ପିଠା ମଡା ଦେମି ବଲିଥିଲା....

ଫୁସପୁନି ଦିନେ ଆର କିଏ କିଏ ଡଣା ନାଚି ନାଚି ବି ଛେର ଛେରା ମାଗସନ

**ଡଣା ଗିତ**

ମାଁ ଗୋ ମା ସମଲେଇ ସୁନୁଛୁ କି ନେଇଁ
ମାଁ ମାଁ ବଲି ତତେ ଡାକୁଅଛେ ମୁଇଁ
ମାଁ ଗୋ ମାଁ ସମଲେଇ ସୁନୁଛୁ କି ନେଇଁ  ।

ଆନି ତୋର ସେମେଲ ଗଛ
ପୁଜାକଲୁଁ ବାରମାସ
ସାରା ଜିବନ ପୁଜା କରମୁଁ
ତୋର ପାଦେ କରୁଛୁଁ ଦଇନି ।

ଫୁସପୁନି ଦିନେ କାହାରିର ପୁଜା କରା ନିଜାଏ । ଖାଲି ଉସତ ଆନନ ଭିତରେ ସବେ ପିଠା-ମଡା, ଝୁରି-ସିକାର ବନେଇକରି ଫୁସପୁନି ମାନସାନ ।

# (୪.୪.୩) କରମା ଗିତ

କରମା ଗିତ କରମସାନି ଦେବି କେ ପୁଜା କଲା ବେଲକେ ନାଚି ନାଚି ଗାଇଥିସନ । କରମା ତିନ ଦିନ ଧରି କରି ମାନସନ; ଉଜୁଲ ପଖ ଭୁଦୋ ଦସମି ଠାନୁ ଦ୍ୱାଦସି ତକ । ସୁରୁ ଟେ ରେଂଗାଲ କି ହଲନ ଡାଲ କେ କରମା ଡାଲ ହିସାବେ ପୁଜା କରାଜାଏସି । କରମା ଡାଲ କେ ଦେହରି ପୁଜା କରି କରି କରମ ସାନି ଗୁଡ଼ି/ପୁଜା ଠାନ କେ ମାନ୍ଦଲ କୁବଜା ବଜାତେଲ ଆନସନ । ତେହରୁ ସେନ କରମ ସାନି ର ଚଲନି ହିସାବେ ଡାଲକେ ଥାପନା କରି ପୁଜା କରା ଜାଏସି । କରମ/କରମା ମାନେ ଭାଗ୍ୟ ।

ଲୋକ ମାନେ ନିଜର ବଦିଆଁ ହିସାବେ କରମ ସାନି ଠାନେ ପୁଜା କରସନ ଆର ଦେହରି ତାକର ତରଫୁ ପୁଜା କରସି ଆର ଉତର ମାନେ ଦେସି । କରମ ସାନି ଦେବି ଦେହରି ଦିହେଁ ଥିସନ ବଲି ବିସ୍ୱାସ କରାଜାଏସି ।

ପୁଜା ସରଲେ ରେତ ଭଏର ସଖାଲ ପୁଆ ତକ ନାଚ-ଗିତ ଚାଲସି । ସଖାଲେ ଫେର ଦେହରି କରମା ଡାଲ କେ ନାଚି-ନାଚି, ଗାଇ-ଗାଇ, ଘର-ଘର ବୁଲାସନ । ସେସକେ ଗାଁ ର ବନ୍ଧେ କି ନଦି ନେଇକରି ଡାଲ କେ ଉହଲେଇ ଦେସନ ।

ଗଂଗା ରୁ ହେଲୁ ଜନମ ଆଦିମାତା ତୋର ନାମ
କିଏ ହେବ ତୋର ସରିସମ ମା, ସିଂହର ପିଠିରେ ତୋ ଆସନ ।

****　　　　****　　　　****

ଜୁହାର ମାଁ ଗୋ କରମସାନି
ତୋର ପାଦେ ଦଇନି ମାଁ
ଅପୁତ୍ରିକେ ପୁତ୍ର ଦାନି

ନିର୍ଧନି କେ ଧନ ଦଉ ଆନି ମାଁ
ତୋର ପାଦେ କରୁଛେଁ ଦଇନି ।
ଙଙଙ ଙଙଙ ଙଙଙ
ଆଣ୍ଠୁଏ ପାନି କେ  ଦଲି ବାଲି ଦିସେ ଝିଲିମିଲି
ମାଛ ମଗର ଗଲେ ଚାଲି ଗୋ ଫୁଲେଇ ଗାଲି
ତୋହର ମାଁ ଜାତ୍ରା କେଲି ।

ଗଂଗାରୁ କାଢିଲେ ବାଲି ଜୁଆ ଜଗାଇଲେ ମୁଗ ବିରିର ଜେ
ସାତ ଗୋଟି ବାଉଁସ  ଟୁପୁଲି ।

ଡାକ ସୁଣି ମାହେସ୍ୱରି ଚମକି ଜଲୁ ବାହାରି
ଛେନା ପଣା ତୋତେ ଦେଲେ ଢାଲି ମାଁ
ଘେନାକର ଦୁଖର ଗୁହାରି ।

# (୪.୫)ବିହା ବରପନ ଗିତ

## (୪.୫.୧)ଗୌର ବାଡି/ ବନା ବାଡି

ଗୌର ବାଡି ନାଚ କେ କଲାହାଣ୍ଡ ଅଂଚଲ ରେ ବନା ବାଡି କହେସନ। ଗୌର ବାଡି, ଗୌର ଜାତି ର ପାରଂପାରିକ ନାଚ। ଗୌର ବାଡି ଥି ଦୁଇଟା ନଚନିଆ ହଁକାବାଦି ହେଇ ନାଚସନ ଆର ଆଠ ନୁ ଦସ ଝନକର ଦଲ ବନେଇକରି ବି ନାଚସନ। ୩୨ ସଂଘାଡ ସୈଲି ବେଭାର ହେସି ଇ ନାଚ ରେ।

ଗୌର ବାଡି ନାଚ ଥି କେନ୍ଦୁ ବାଡି ବେଭାର ହେସି। କେନ୍ଦୁ ବାଡି ର ଉପର ର ଛାଲି କେ ଛାଁଚି ଦିଆ ହେସି। ତେହରୁ ଲହ ଥି ଗୁରେହି ଅଲପରେ ପୁଡେଇ ଦେଲା ଉତାରୁ ପୁଡଲା ଭାଗ କଲା ହେସ ଆର ରହିଗଲା ଭାଗ ଧୋବ। ସୁନ୍ଦର ଆକର ଛାପି ହେସି ବାଡି ଥି। ବାଡି ଥି ଝୁଟି କାଟଲା ବାଗିର ଦିସସି। କଲାହାଣ୍ଡି ଅଂଚଲ ରେ ଝୁଟି କେ ବନା କହେସନ। ଆର ସେ ବାଡି ବେଭାର କରି ନାଚୁଥିବା ନାଚ କେ ବନାବାଡି କହେସନ। ନଚନିଆ ନାଚଲା ବେଲକେ ୨ଟା ବାଡି ବେଭାର କରିଥିସି। ନଚନିଆ ମାନେ ତାକର ଦିହେଁ ପିଠଉ ଥି ଚିତରେଇ ହେଇଥିସନ। ଝୁମକା, ବଏଁସି, ଢୋଲ ଆଦି ବନାବାଡି ସାଂଗେ ବଜା ଜାଏସି।

**ବନାବାଡି ର ଗିତ**

କାହ୍ନା ଭାଇ ଲଛମି ଘେନ ମୋ ଦଇନି
ଜଏ ମାଁ ଜାଦବ କୁଲ ମଉଡମଣି
ଜଏ ଚଣ୍ଡି ସମଲାଇ ମାଁ ଠାକୁରାଣି

ସଂକଟ ତାରିନି ମାଁ ଦୁର୍ଗତି ନାସିନି
ବିପଦେ ଆପଦେ ମାଁ ଗୋ ହେଉ ଅଗ୍ରଣି
ଜଏ ମାଁ ଜାଦବ କୁଳ ମଉଡମଣି ।।

ବନାବାଡି ନାଚଲା ବେଲକେ ଦୁଇ ଝନ ମାର ଲାଗଲା ବାଗିର ଲାଗସି । ଦୁହି ନଚନିଆ ଦୁହି ହାତେ ଦୁଇଟା ବାଡି ଧରିଥିସନ ଆର ସାମନା ର ନଚନିଆ କେ ଆକ୍ରମଣ କରୁଥିସନ ଆର ସାମନା ର ନଚନିଆ ନୁ ନିଜକେ ବଁଚଉଥିସନ ।

ଦ୍ୱାପର ଜୁଗରେ ପ୍ରଭୁ ନନ୍ଦ ନନ୍ଦନ
ଗୋପ ଗୋପାଲକ ସଂଗେ ମେଲ ହୋଇଣ
ବାଜଇ ରଂଗେ ଢୋଲ ଟାମକ ବାଁସୁରି
ସିରରେ ପାଗ ବାନ୍ଧି କେନ୍ଦୁବାଡି ଧରି
କରୁଥିଲେ ଇ ତାଂଡବ ଧର୍ମ ଲେଖନି
ଜଏ ମାଁ ଜାଦବ କୁଳ ମଉଡମଣି ।।

ଗଉର ଜାତି ର ଇତିହାସ ଜୁଡିଛେ ଇ ନାଚ ସାଂଗେ । ହରିବଂସ ପୁରାଣ ରେ ବନାବାଡି ର ଉଲ୍ଲେଖ ଅଛେ । ବନାବାଡି ଗିତ ଅନସାରେ ଗଉର ମାନେ ୧୬ ପ୍ରକାର ।

ଭୋଜପୁରି ଗୋପପୁରି ସୋଲ ଖଣ୍ଡିଆ
ମଗଧ ଗୋକୁଲ ଲହୋରିଆ ଝରିଆ
ନନ୍ଦ ଦ୍ରାବିଡ ଜଟକ ଦୁତ କୋରିଆ

ଅହିର ଅବଦ ଅସକ କୋସଲିଆ
ଏ ସୋଲ ଜାଦବ କୁଲ ମାଁ ପାଟରାଣି
ଜଏ ମାଁ ଜାଦବ କୁଲ ମଏଡମଣି ।।

## (୪.୫.୨) ଲହକି

ବିଂଝାଲ ଗୁଟେ ଆଦିବାସି ସଂପ୍ରଦାୟ । ଇମାନକର ସାମାଜିକ ଜିବନ ଅଲଗ ମାନକର ଠାନି ଭିନେ । ସେମାନକର ବିହା ବରପନ ବେଲକେ ଜେନ ଗିତ ଚଲସି ସେଟା କେ ଲହକି ବଲସନ । ଲହକି ଥି ଗିତ ଆର ନାଚ ଦୁହିଟା ମିସି ଥିସି । ମୁଖିଆକରି ଲହକି ଥି ବିର ରସ ଆର ପ୍ରେମ ରସ ଦେଖବାର କେ ମିଲସି । ବିଂଜାଲ ମାନକର ବିହା ବେଲକେ, ବାପ, ପୁଓ, ମାଁ, ଭାଏ, ବୁହେନ, ସାସ, ସସୁର, ଦିଅର, ଦେଢସସୁର ଏନ୍ତା କି ବର କନିଆ ବି ଠାନେକେ ନାଚସନ । ବିଂଝାଲ ମାନକର ବିହା ଦୁଇ ଦିନ ଧରିକରି ହେସି ଆର ଦୁଇ ଦିନ ଧରିକରି ସେମାନେ ନାଚ ଗିତ କରସନ । ଲହକି ଥି ଢୋଲ, ନିସାନ, ମୁହୁରି, ତାସା, ଟିମକିଡି ଆଦି ବାଜିଥିସି ।

ଲହକି ର ମୁଖିଆ ବିଭାଗ ମାନେ ହଉଛେ

୧) କେଲି କରଂଜ ମାଲି ୨) ରସ ନିଆଲି ମଲି ୩) ଜହ୍ନିଫୁଲ ୪) ଝରିରେ ଝରା ୫) ସୁଆ ରାଂଗେନ ବହୁ ୬)ମୋର ବନ୍ଧୁ ନିଲ ରତନ ରେ ବଲା ୭) ଜୁରାଜୁରି ୮) ଜାଇଫୁଲ

## କେଲି କରଂଜ ମାଲି

ଚଁଟିଆ ସମିଲା ପୁଲେ ରେ କେଲି କରଂଜ ମାଲି
ଝାଲେ ବୁହି ଗଲେ ପିରତିର ବେଲେ
ପୁଛିମି ପନତର ଫାଲେଁରେ କେଲି କରଂଜ ମାଲି
ଆଉଛୁ ଜାଉଛୁ ଲୁହିବୁ ନାଇଁ
ପାଇ ନେବା ଖଟ ର ବାହି ରେ କେଲି କରଂଜ ମାଲି ।

## ରସ ନିଆଲି ମଲି

କୁକୁର ସୁଇଲା ଖାରେଁରେ ରସ ନିଆଲି ମଲି
ଗୁନା ହଜାଇଲୁ ମହୁଲ ଝାରେଁ
କାଏଁ ବଲି କହେବୁ ଘରେଁ ରେ ରସ ନିଆଲି ମଲି
କାଲିକେ ସୁନାରେ ଗୁରି କେ ବନା
ଚକା ମୁହେଁ ଫୁଲ ଗୁନା ରେ ରସ ନିଆଲି ମଲି ।

ଗାଆଁ ଖୁଲି ଉଡେ ଧୁଲିରେ, ରସ ନିଆଲି ମଲି
ମାଲି ଘରର ଫୁଲେ ସେଜାଇ ଥିଲିଁ,
ମୋର ଧନ ଆଏବ ବଲି ରେ ରସ ନିଲି ମଲି
ନିଆଲି ମଲି ର ନାଇଁ ନ ଚଲନ
ରାତି ଦେଖେ ଦରପନ ରେ ରସ ନିଆଲି ମଲି ।

## ଜହ୍ନିଫୁଲ

ବାରିର ଖଟଖଟିଆରେ ଜହ୍ନିଫୁଲ
କେତେ ଫଟ ଜାନେ ଫଟ ଫଟିଆରେ ଫଟଫଟିଆ
ଲଗାଇ ଦେଲା ତାଟିଆ ରେ ଜହ୍ନିଫୁଲ
ଜହ୍ନିଫୁଲ ର ବାଇ ଖୁସା ଢଲେଇ ରେ ଖୁସା ଢଲେଇ
ନାଇଁ ଜାନେ ଛୁଆ ଖେଲେଇ ରେ ଜହ୍ନିଫୁଲ ।

## ଝରିରେ ଝରା

ଝରିରେ ଝରା ଗିତ ଥି, ପ୍ରେମ ରସ ଥିଲେ ବି ସେଥି ଫି ଦିନିଆଁ ଜିବନ ଦୁଖ ର ଝଲକ ସୁନ ବାର କେ ମିଳସି ।

ଝରିରେ ଝରା, ଖପର ଘରେ ଉଦେ ତରା
ଝିଆ ଜନମ କଲୁ ସରଗର ତରା, ସରଗର ତରା
ଝରିରେ ଝରା ଜୁଏଁ କଲୁ ଦରମରା,
ଲେଡି ଟାଁକୋ ଟାକୋଁ ସୁଖା ବେହେରା, ସୁଖା ବେହେରା
ଝରିରେ ଝରା, ନାଇଁ ନ ଜୁଏଁର ଚେହେରା ।

ଝରିରେ ଝରା, ପାନି ଗଲା କୁରେଁ କୁରେଁ,
ରଜା ସୁଇଅଛେ ଜହଲ ଘରେ, ଜହଲ ଘରେ,
ଝରିରେ ଝରା, ପାଗଲି ନୁରୁଛେ ଝାରେଁ
ନାଇଁ କାନ୍ଦ ସୁଆ ନାଇଁ କାନ୍ଦ ସାରି, ନି କାନ୍ଦ ସାରି,
ଝରିରେ ଝରା ତୋର ରଜା ଆଏବେ ଫିରି ।

ଇ ଉପରର ପଦ ଟା ଘେଁସ ଜମିଦାର କୁଂଜେଲ ସିଂ କର ଝି ପୁଣ୍ଡିମାର କଥା ଲିଖା ହେଇଛେ । ପୁଣ୍ଡିମା ର ମୁନୁସ ଗୋବିନ୍ଦ ସିଂ ବି ସହିଦ ହେଇଥିଲେ । ପୁଣ୍ଡିମା ନିଜର ମୁନୁସ ବିନା ପାଗଲ ହେଇ ନୁରୁଥିଲେ । ନୁରି ନୁରି ରାତି ଝାର କେ ବି ପଲେଇ ଜଉଥିଲେ । ଲୋକ ଗିତ ଗୁଟେ କିସମେ ଅ-ଲିଖିତି ଇତିହାସ ଥିଲା ସେ ସମିଆଁର ।

## ସୁଆ ରାଂଗେନ ବହୁ

ଇ ଟା ଖାଲି ମୁନୁସ ପିଲା ଗାଏସନ ।

ସିଏର ଲଟିସ ଥିଲେ ଭାଇ ଝୁଲେସ ମାକର
ମଦନ ସିଂ ଚଢି ଜଉଛେ ବୁଢା ଡଂଗର
ବୁଢା ଡଂଗର ପଖନ ଖୁଲେ ହୁକା ହୁକା ଭାଲୁ
ଚନ୍ଦନ ଲୁଗା ଗୋଡ ପଏଁରି, ସୁଆ ରାଂଗେନ ବହୁ ଗା
କେତେ ଅଁଟା ମଲକେଇ ଚାଲୁ ।

ମୋର ବନ୍ଧୁ ନିଲ ରତନ ରେ ବଲା
ମୋର ବନ୍ଧୁ ନିଲ ରତନରେ ବଲା କାହିଁକି ଡାକିଲୁ ମତେ
ବିରହି ଦଲଲା ଲେଖେଁ ଦଲିମିଁ ତତେ
ମୋର ବନ୍ଧୁ ନିଲ ରତନରେ ବଲା ନାଇଁ ଚିହ୍ନି ପାରୁ ମତେ ଜେ,

ତତେ ନେତିଁ ନେତି ତୋର ଭାଏ କେ ନେତିଁ
ମୋର ବନ୍ଧୁ ନିଲ ରତନରେ ବଲା, ବରଗଡେ ଭାଡା ବାହାତିଁ ଜେ
ମୋର ବନ୍ଧୁ ନିଲ ରତନରେ ବଲା ଜହଲ ଖାନା ଦେଖେଇ ନେତିଁ ଜେ ।

## ଜାଇଫୁଲ କରା ପାଏନ

ଆମ ଖାଏଲିଁ ଜାମ ଖାଏଲିଁ ପକେଇ ଦେଲିଁ ଟାଁକୋ
ବନ୍ଧ ତଲର କାଗଜ ପତର ସୁନ୍ଦର ବରିହା କେ ଡାକୋ
ସୁନ୍ଦର ବରିହା ବଏଲା ଭେଇ ପାଟନା କେତେ ଧୁର
ଆପେ ରଜା ବିଜେ କଲେ ବଉଦ ନାଗପୁର
ବଉଦ ନାଗପୁରୁଁ ପାଟନା ସଡକ ଦିଁ ତାଲା
ଭିତରେ ଭିତରେ କୁଂଜଲ ସିଂ ରାଏଜେଁ ମତାଲା
କିଏ ଦେଲା ଗୁର ଗଂଜଇ କିଏ ଦେଲା ଚୁରା,
ସିଂହଡା ଘାଟିନେ ମାରଗଲା ଜାଏଫୁଲ କରାପାଏନ,
ମୁକୁଟବନ୍ଧା ଘୁଡା ହୋ....

## (୪.୫.୩) ଖଟିଗଲା ବେଲର ଗିତ

ଭୁଆସେନ ଖଟିଗଲା ବେଲକେ ଜେନ ଗିତ ଗାଇଥିସନ ସେଟାକେ ଭୁଆସେନ ଗିତ ବଲି ବି କହେସନ । ବିହା ସରଲା ଉତାରୁ ଟୁକେଲ ତାର ସାଂଗ ସରସା, କୁଟୁମ ର ଲୋକକୁ କାନ୍ଦି କାନ୍ଦି ଜେନ ଗିତ ଗାଇଥିସି ସେଟାକେ ଭୁଆସେନ ଗିତ କହେସନ ।

ସୋନପୁର ସହର ରୁଖା ବଇଠା ବାପା ଗୋ,
ନିତି ପୁଛୁଥିଲି ବାପା ଅଇଁଠା ବାପା ଗୋ,
ସକାଲର କଂସା ପଡି ରହିବ ବାପା ଗୋ,
ସଂଜ ହେଲେ ବାପା ପଡି ରହିବ ବାପା ଗୋ । ୧ ।।
ମୁଇଁ ଥିଲି ତମର ଗେହ୍ଲଇ ଝିଅ ବାପା ଗୋ
ମାଁ ର ଗେହ୍ଲା ତ ତାହାରି ପୁଆ ବାପା ଗୋ

ମାଁ ର କଥା ମାନି ଦେଉଛ ଦୁରେ ବାପା ଗୋ
ମୁଇଁ ତ ରହେମି ସମ୍ବଲପୁରେ ବାପା ଗୋ ।। ୨ ।।

ଟୁକେଲ ବିହା ହେଇ ସାସ ଘରକେ ଖଟିଗଲା ବେଲକେ ନିଜର କୁଟୁମ୍ବ ଆର ଲାଗେ ଲେସର ମାନକୁ ଛାଡି କରି ଜଉଥିବାର ଦୁଖ ଥି ଗିତ ହିସାବେ ମନର କଥା କେ କହିଥିସି ।

ମୁଗ ବାଛୁଥିଲିଁ ତମର କାକି ଗୋ
ସାନ ଝି କେ ଖେଲଉଥିଲି କାକି ଗୋ
ମନ ଜାନି ତୁନ ରାନ୍ଧି ଦଉଥିଲ କାକି ଗୋ ।

# (୪. ୬) ମରନ ଗିତ

ମରନ ମୁନୁସ ଜିବନ ର ଅଛଡା ଅଂଗ । ମୁନୁସ ଜନମ ହେଲେ ମରନ ତୟ । ମୁନୁସ ର ମରନ ହେଲେ ତାର ମାହେଜି ଆର ଝି ମାନେ କାନ୍ଦିଥିସନ ।

ମଗସିର ମାସ ସୋର ହଉଛେ ରଜା ଗୋ
ଗୁରବାର ଦିନେ କିଏ ପଦମପୁଲ ଆନିଦେବା ରଜା ଗୋ
ମଡା ଖେବାର କେ ମନ କରୁଥିଲ ରଜା ଗୋ ।

କିଏ ଆର ମତେ ଡାକି ଆନବା ବାପା ଗୋ
ଫୁସ ମାସ କେ କିଏ ହେତାବା ବାପା ଗୋ
ଅଲି ଅର୍ଦଲି କାହାକେ କରମି ବାପା ଗୋ
ସରିଗଲେ ଜିନିସ କାହାକେ ମାଦମିଁ ବାପାଗୋ ।

ମାଁ ର ମରନ ଖବର ପାଇ ଝି କାନ୍ଦସି

ଦିନେ କଡା କଥା କହିନ ଥିଲୁ ମାଁ ଗୋ
ମନ ଦୁଖ ଥିଲେ ପଚରଉଥିଲୁ ମାଁ ଗୋ ।

ଆଇ/ବାଇ/ନାନି ମରିଗଲେ ନାତେନ କାନ୍ଦସି

କେତେ କଥାନି କହୁଥୁଲୁ ନାନି ଗୋ
ପାଖେ ବସଇ ଗଲ କରୁଥୁଲୁ ନାନି ଗୋ
ସବୁ କେ ପସିସରି ଦେଲୁ ନାନି ଗୋ ।।

# (୪.୭) ଖେଲ ଗିତ

ପସଚିମ ଓଡିସା ରେ କେତନି କିସମର ଖେଲ ଗିତ ଅଛେ । ଖେଲ ଗିତ କେତନି କିସମର ହେଇପାରବା । ଜେନ୍ତା ଛିଲୋଲାଇ, ହୁମୋ ଆଦି ଭିନେ ଭିନେ ଖେଲଗିତ ର ନାଁ ମାନେ ।

## ଛିଲୋଲାଇ ଗିତ

ଛିଲୋଲାଇ
ଆ ଖେଲମା ଭାଇ
ଭାଇ ଗଲା ରୁସି
ଦେ ଗୋ ମାଁ ପିସି
ହଟାଲିରେ ହଟାଲି
କୁକୁର ଗୁହୁଁ ଚଟାଲି

## ହୁମୋ ବଉଲି ଗିତ

ହୁମୋ ବଉଲି ଗିତ ହୁମୋ ଖେଲଲା ବେଲକେ ଗାଇଥିସନ । ଇ ଖେଲ ଟୁକେଲ ମାନେ ଗାଁ ଖୁଲି ଖେଲସନ । ଟୁକେଲ ମାନେ ଦୁଇ ଗୁସ୍ଟି ହେଇକରି ହାତ ଜୁରା-ଜୁରି ହେଇ ହୁମୋ କେଲି ଥିସନ । ଗୁଟେ ଦଲ ଗିତ ଗାଏତେଲ ଆର ଗୁଟେ ଦଲ ଆଡକେ ଜାଏସି । ଫେର ସେ ପଦ ର ଜବାବ ଦେବାର କେ ଆର ଦଲ ହେନ୍ତା ସାମନା ର ଦଲ ଆଡକେ ଗିତ ଗାଏତେଲ ଜାଏସି । ତୁରତା-ତୁରତି ଉତା-ଉତି ପଦକେ-ପଦ ଭିରେଇ ଦୁହି ଦଲ ଭିତରେ ଜେନ ଗିତେ ଗୁତା-ଉଚାର ହେସି ଦେଖଲା ବେଲକେ ବଡା ଜମକ ଲାଗସି ।

ହୁମୋ କି ହୁମାଇ ସାରେ ବଉଲିରେ
ହୁମୋ କି ହୁମାଇ ସାରେ

ହୁମୋ ନନ ନନ ଦସ ବଉଲି ରେ,
ହୁମୋ ନନ ନନ ଦସ
ନ ଖାଉଁ ନ ପିଉଁ ଗୁଆ ପଣସ,
ନ ଖାଉଁ ନ ପିଉଁ ଗୁଆ ପଣସ
ନ ଜାଉଁ ତୁମର ଦେସ ବଉଲିରେ
ନ ଜାଉଁ ତୁମର ଦେସ ।।

## ଜିରା ଲବଂଗ ଆର କଲା କୋକିଲ

ନୁଆପଡା ଜିଲାର ସିନାପାଲି ବୋଡେନ ଅଂଚଲରେ ଜନକ ରାତି ର ଉକିଅ ଥି ଗାଁର ଟୁକେଲ ମାନେ ଇ ଗିତ ଗାଇଥିସନ ।

କଲା କୋକିଲରେ, ପକା ଚୁଆଁ ତଲେ ରସି
ଗାଆଁର ଗହଁଟିଆ ସାଇକେଲେ ବସି
କଲା କୋକିଲରେ ପାନ ଖାଏ ହସି ହସି । ୧ ।।

କଲା କୋକିଲରେ, ସଡକେ ଚେପୁଲୁଁ ଗିଟି
ଗହଁଟିଆ ବାବୁକେ ଚାବିଲା ଚାଁଟି
କଲା କୋକିଲରେ ଜାହାନା ଗୁନିଆଁ ଡାକି । ୨ ।।
ଇଟା ଭାଟି ଅଛେ ଇଟାରେ ଜିରା ଲବଂଗ
ଇଟା ଭାଟି ଅଛେ ଇଟା

ତୁମର ଗାହାର ପାନ ସରଗ ମିଠା
ଆମର ଗାହାଁର  ପାନ ମିଠା ରେ ଜିରା ଲବଂଗ । ୧ ।।

ଗଟକେ ଚଘିଲା ଗେରୁରେ ଜିରା ଲବଂଗ
ଗଛକେ ଚଘିଲା ଗେରୁ
ଛ କୁଟା ଭଲିଆ ଧଂଗରା ହେଲୁ
ଧାଂଗରିକେ ଝୁରି ମଲୁରେ ଜିରା ଲବଂଗ  ।।

## ବାଂଗିରି

ଥାଲିରେ ଭାଂଗିଲି ପାନ ବାଂଗିରିରେ
ଆକାସେ ଉଦିଛେ ରୁପେଲି ଜନ
ହୁମୋ ଖେଲିବାକେ ମନ ବାଂଗିରିରେ

ଚଟୁ କରେ ହାଇ ହାଇ ବାଂଗିରିରେ
ପିଁଢାରେ ବସିଲେ କାଏଁ ଲାଭ ପାଉ
ହୁମୋ ଖେଲିଆ ମୋର ବହୁ ବାଂଗିରିରେ

# (୪.୮) ଲୋକ କଥା

## ଢଗଢମାଲି

ସେମେଲ ଗଛେ କୁହୁନି ରେଥି ଦେଲା
କେଡେ କେଡେ ଟା ଗଲେ ନ ହଟି ଚିଂଗରି ବୁପରି ହଉଛେ କଁଟି
ନାକ ତଲେ ମେଛା ଜାହାର ଜେନ୍ତା ଇଛା
ବିହାଘର ବେଲେ ବାଏଗନ ରୁଆ
ତୁଇ ମନ ଧରୁଛୁ ଜାହାକେ ମୁଇଁ ଘଏତା କରିଛେଁ ତାହାକେ
ସିଂଗ ଧରମୁଁ ଆମେ ଗୁରସ ପିବ ତମେ
ଚିଂଗରି ଚିପଲେ ମୁଡେ ଗୁହୁ
ଦାଁତ ଥିଲେ ଚନା ନାଇଁ ଚନା ଥିଲେ ଦାଁତ ନାଇଁ
ଛୋଟ ଲୋକ ବଡ ପାଏନ ପାଏ ହଗତ ମୁତତ ଗିତ ଗାଏ
ମାଡ କେ ମାହାଦେବ କଁପେ
ଅତି ମଧୁର କିରା ଖାଏ
ବିରହି ମାଡେ କୁଲୁଥ ଚେପଟା
ପରହର ଭଅତେ କୁକୁର ମାଡ
ଏ ପୁତା, ବେଲା ଦେଖି ବୁତା
ଚୋର କେ ଚନ୍ଦନ ବିଲେଇ କେ ଘଂଟି

## ଧଂଦା/ବଖାଣି

**(୧) ଆଗଟା ମିଠା, ମଝି ଖଟା, ମୁଲଟା ବାସେ**

ଉ : ଗୁରସ, ଧୁଇଲା ବେଲକେ ଟିକେ ବଖରାସି, ମଝି ଦହି ଆମିଲ (ଖଟା) ଆଉ ଆଗଟା ଘି ମିଠା ଲାଗସି

**(୨) ଆମଲି ମଜା, ମୁଂଜି ନାଇଁ ତାର ଭୁଇଁ ଗଜା**

ଉ : ଛତି ର ମୁଂଜି ନାଇଁନ ଭୁଇଁ ଫୁଟସି

**(୩) ଅରଖ ଚେରର ପରଖ ପଏଁଖ, କେନ ଚେରର ତିନଟା ଆଏଁଖ ?**

ଉ : ନଡିଆ ନଡିଆ ଗଛ ଡେଂଗା..ପତର ପଏଁଖ ଲେଖେଁ...ନଡିଆର ତିନଟା ଆଏଁଖ

**(୪) ଅତାଲ ତାଲ ପାନି ଖରସି ଚୁତେ**

ଉ : କେଁଛୋ, ପାଏନ ଉପରେ କେଁଛୋ ଖରସି ଚୁତେ ଲେଖେଁନ ଦିସସି

**(୫)ଆଏଗନ ନେଇସେ ବାଏଗନ ଟା ବଇଦ ନେଇସେ ସିଂଗ ଦୁଇଟା**

**ମୁନୁସ ନେଇସେ ଚାଲେ ବାଟ, ଦେଉଲ ନେଇସେ ଫାଡେ କବାଟ**

ଉ : ଘୁଲି ଚାଲଲା ବେଲକେ ତାର ଦୁଇଟା ସିଂଗ ବାହାରିଥିସି, ଦେଉଲ ଲେଖେନ ଦିସସି ଆର ଛିଁ ଦେଲେ କବାଟ ଢାଁପି ଦେସି

**(୬) ଆଏଲ ଗଲ ବନେ କଲ ମଜା କରୁଛ କାହାକେ**

**ମୋର ସସୁର ବିହା ହେଇଛନ ତମର ସସୁରର ମାଁ କେ**

ଉ : ସାସ-ଜୁଏଁ, ସାସର ସସୁର ହଉଛନ ଜୁଏଁର ଅଜା ସସୁର...ଜୁଏଁର ସସୁରର ମାଁ ହେଲେ ଜୁଏଁର ଆଇ ସାସ

**(୭)ଆଏଁଖ ଜୁଡେକେ ଅଏନ ଲେଂଜେ ପିଉଛେ ପାଏନ**

**ଫୁଲ ଫୁଟିଛେ ଉପରେ, ଢେଁଟି ରହିଛେ ଭିତରେ**

ଉ : ଡିବରି ଜଲୁଥିଲେ ଆଏଁଖକେ ସୁଂଦର ଦିସସି, ବଏଲତା ତେଲ ପି'ସି, ଜଲୁଥିଲେ ଫୁଲ ଫୁଟଲା ଲେଖେ ଦିସସି...ବଏଲତା (ଢେଁଟି)

**(୮)ଆଁଖ ବାଁକ ତାହିଁ ବସଲା ବୁଢା କାଁକ**

**ବୁଢା କାଁକ ଉଡିଗଲା ପୁରଥି ଟା ଅଂଧାର ହେଲା**

ଉ : ବେଲା/ସୁରୁଜ

# (୪.୯) ମଂତ୍ର ସାହିତ୍ୟ

ମଂତର ମାନେ ସିରଜିନା ର ଆଦିମ କାଲୁ ମୁନୁସ ବେଭାର କରି ଆସୁଛେ । ବିସେସ କରି ଆଦିବାସି ମାନକର ଫିଁ ଦିନ ଚଲନି ଥି ମଂତର ର ବେଭାର ଜହ । ଭିନ ଭିନ କବାରେ ବେଭାର ହେସି ମଂତର ଜେନ୍ତା ଭୁତ-ପେତେନ ନୁ ମୁକଲିବାର କେ, ଦେବତା ଉତରାବାର କେ, ନସେନ-ପେସେନ ଭଗାବାର କେ, ରୋଗ-ବେମାର ଛଡାବାର କେ । ସାଁପ, ବେଛୁ ଆଦି ବିସାନ ର ବିସ ଉତରାବାର କେ ବି ମଂତର ବେଭାର ହେସି । ଇତାର ବାହାରେ ଦେ-ଦେବତା କେ ପୁଜା କରବାର ଲାଗି ବି ମଂତର ବେଭାର ହେସି । ମଂତର ର କିସମ ଅନେକ । ଜେନ୍ତା ଖେଦାନ, ବନ୍ଧନ, କିଲନ, କବଚ ଆଦି ।

ହନୁମାନ କବଚ<br>
ଓଁ .....<br>
ଜୟ ଜୟ ହନୁମାନ କିରତି କୁଣ୍ଡଲି ଧାରି<br>
ସ୍ରିରାମଂକ ଦୁତ ସିତାଂକ ସୁଖହାରି<br>
ଲଖେ କବଚ ରୁ କବଚ ସାର<br>
ପଢିଲା ଲୋକ ହୁଅଇ ନିସ୍ତାର<br>
ଆୟୁସ ବଢଇ ରଜିକ ଛିଡଇ<br>
ଦିନକେ ଥରେ ଏହା ଜେ ପଢଇ<br>
ବାର ଥର ପଢେ<br>
ସତ୍ରୁ ତିନି ମାସରେ ମରେ

## ୫

# ଆଦିକବି ଜୁଗ ଦାସ

ସୁହ୍ଲ ସ' ସତାଦ୍ଧି ବେଲକେ ସାରା ଭାରତ ରେ ଲିଖନ ପଦ୍ଧତି ସଂସ୍କୃତ ଭାସା ରେ ଥିଲା । ହେଲେ ସେ ସମିଆଁ ରେ କୋସଲି ସାହିତ୍ୟ ଲାଗି ଗୁଟେ ଚମତ୍କାର ଘଟିଥିଲା । ନରସିଂନାଥ ପାଖର ଜୁଗ ଦାସ ବଲି ଝନେ କନ୍ଧ କବି "ଶ୍ରୀ ନୃସିଂହ ଚରିତ" କାବ୍ୟ କୋସଲି ଭାସା ରେ ଲେଖିଥିଲେ । ସେ ନରସିଂନାଥ ମନ୍ଦିର ର କନ୍ଧ ଜାତି ର ପୁଝାରି ମାନକର ବଂସଧର ଆନ । ସେ ନିଜେ ଲେଖିଛନ:

ପାରାକୃତ ଭାଷାରେ ମୁଁ କରଇଁ ଲେଖନ
ଭୋ ସାଧୁ ସୁଗ୍ୟଁ ଜନେ ଦୋଷ ମୋ ନ ଘେନ । ( ପୃ ୧୩୬)

ସେ ଆର ଥରେ ବି ଲେଖିଛନ:
ପରାକୃତ ଭାଷାରେ ମୁଁ କରଇ ପରକାଶ । (ପୃ୧୪୧)

ପରାକୃତ ଭାଷା – ପ୍ରାକୃତ ଭାସା ( ଗୁଟେ ଅଂଚଲ ର କଥିତ ଭାସା ଅର୍ଥାତ ନରସିଂନାଥ ଅଂଚଲ ର କଥିତ ଭାସା, କୋସଲି ରେ ଲେଖା ହେଇଛେ । ଇ ପୁରାଣ କାବ୍ୟ ର ଲେଖବାର ସମିଆଁ ୧୫୫୦-୧୬୫୦ ଭିତରେ ବଲି ମତ ପାଇଛେ । ୧୫୫୦-୧୬୫୦ ସମିଆଁ ଆଡେ ଜେନ କୋସଲି ଭାସା ଚଲୁଥିଲା ସେଟା ଇହାଦେ ର କୋସଲି ନୁ କେତନି ଭିନେ । ତଥାପି ଇହାଦେ ବେଭାର ହଉଥିବା ଗୁର୍ଦୁଟେ କୋସଲି ସବ୍ଦ କାବ୍ୟ ରେ ବେଭାର ହେଇଛେ ଜେନ୍ତା ନୁନି, ମରୁଡି, ଧୁନି, ଗହ ଗହ, ଖେଦି, ନିସତ, ଛିନୁ ଛିନୁ, ମଡିଆ, ହଁସା ହଁସି, ଖୁଜାମାରି, ଖେଦି, ହାଦେ, ଖଲ ଖଲ, ଅଲାର ଧୁଆ, ଲୁଟିଚୁରି ଆଦି । ଇ କୋସଲି କାବ୍ୟ ରେ ଧାମନ୍ତ, ଯୁନ, ସୋମେନ୍ଦ୍ର, ରହସି, ନିଭାକଲେ, ଥୋକାଏ, ରଂଚନା, ଯେଥେ,

ଭାର୍ଜନା, ମାୟେସ, ପାରୁଶେ, ଆଂଚେବନ, ସିମସ୍ଥାନେ, ଏନ୍ତା କେତନି ଜୁନ୍‌ହା ସଦ୍ଦ ବେଭାର ହେଇଛେ ଜେନଟା ମାନେ କି ସାରଲା ଦାସଂକର 'ମାହାଭାରତ' ଥି ବି ଦେଖବାର କେ ମିଲସି । ତାର ଅର୍ଥ କୁହାଜେଇପାରେ ଜେ ଜୁଗ ଦାସ, ସାରଲା ଦାସଂକର ସମସାମଇକ ।

ଇହାଦେ ର କୋସଲି ସଦ୍ଦ ବେଭାର ହେଇଥିବାର ଧାଡି ମାନେ:

**ତତେ** କୋଲେ ଧରି ଭାରିଯା ତୋର କାନ୍ଦୁ (ପୃ ୨୩)

*** *** ***

ଭୂମିରେ **ପାରି** ବିବଶ୍ର କଲା ଆଭରଣ (ପୃ ୨୩)

*** *** ***

ଛାଡରେ ପାପିଷ୍ଠ ମୂଢ **ମୁହଁ ତୋର ପୋଡୁ** (ପୃ ୨୪)

*** *** ***

**ବେଲବୁଡି** ଅନ୍ଧାର ହୋଇଲା ନିଶି ପୁଣି (ପୃ ୨୪)

*** *** ***

ଦେଖିଲି ତାହାଂକର **ଭବିସ** ଯେ ରୂପ (ପୃ ୨୯)

*** *** ***

**ଆଡେ** ତ୍ରିଶି ଦୀର୍ଘ ତାର ଶରୀର ବଢିଲା (ପୃ ୩୨)

*** *** ***

**ଯେଡେ** ହୋଇବି ବୋଇଲେ **ତେଡେ** ଶରୀର ବଢଇ (ପୃ ୩୨)

*** *** ***

ଶୁଣି ଦେବତାୟେ ଯେ ଦୁର୍ଗାକୁ କଲେ **ତୁସ୍ତି** (ପୃ ୩୩)

*** *** ***

ଜୀବଜନ୍ତୁ ଦେଖି ମାୟେ ଯାନ୍ତି **ଆଡ** ହୋଇ (ପୃ ୩୬)
ଦିଅ କି ନ ଦିଅ ତୋତେ କହିଲିରେ ବାଇ (ପୃ ୩୭)

*** *** ***

ଦଇବର ଯୋଗ ମୁଁ ଯେ ତତେ ଭେଟିଲଇଁ (ପୃ ୩୭)

*** *** ***

ଦେଖିଣ ଅସୁର ଜେ ହୋଇଲା ଅଚାବୁହା (ପୃ ୪୧)

*** *** ***

ଦୁର୍ଗାଦେବୀ ବୋଇଲେ ରେ ନୁନିମାନେ ଯାଅ (ପୃ ୪୧ )

*** *** ***

କେହୁ ଦେବୀ ଧାଇଁଣ ଯେ ଗଲାରେ ଉଲୁମିଲେ । ( ପୃ ୪୨)

*** *** *** ***

କେହୁ ତତେ କଲା ଯେ ଯେ ଭବିସ ରୂପ (ପୃ ୪୯ )

*** *** *** ***

ଦେବୀ ମାନଂକୁ ବହନ ଚାଲଲୋ ବଇଲେ ( ପୃ ୪୯)

*** *** ***

ଧିକ ତୋର ଜୀବନରେ ମୁହଁ ତୋର ପୁଡୁ (ପୃ ୫୩)

*** *** ***

ଗୋମାତା ବନ୍ଦେନୀକି ଇଶ୍ୱର ନେଲେ ଖେଦି
କଟାର ଘେନି ମୁଣ୍ଡ ପକାଇଲେ ଛେଦି ( ପୃ ୬୩)

*** *** ***

କ୍ଷେତ୍ରିଂକର ପୁତ୍ର ହୋଇ ନିସତ କି ହୋଇ
ମାରିବା ଅସୁରଂକୁ ଯେ ବେଗ ଚାଲ ଭାଇ (ପୃ ୬୪)
ପାସର ରାଜାରାଜ୍ୟ ପଲାଇଲେ ଛାଡି ( ପୃ୬୭)

*** *** ***

ବାହୁବଲେ ପେଲି ପକାଇଲା ନିଶାଚର (ପୃ ୬୮)

*** *** ***

ଶୁଣିକରି ଗିରିବର ହେଲା ଅଚାବୁହା ( ପୃ ୭୧ )

*** *** ***

ଅପାଳନ ଗରୁ ଯେବେ ଲଭଇ ରମଣ ( ପୃ ୭୮ )

*** *** ***

ଧାର ଛିନୁ ଛିନୁ ଯେ ସକଳ ପାପ ଗଲା ( ପୃ ୮୭ )

*** *** ***

ସୀତ୍ୟାହିଂ ବୋଲନ୍ତି ଯାଇଥିଲି ହାତଗୋଡ ଧୋଇ (ପୃ ୯୨ )

*** *** ***

ମୀନ ସଂଗେ ମୀନ ହୋଇ ପଉଁରୁଛି ତଳେ (ପୃ ୯୩)

*** *** ***

ଦୁଇଂକି ଦୁଇଜନ ହୋଇଲେ ହଁସାହଁସି ( ପୃ୯୪ )

*** *** ***

ନୃସିଂହ ଦେବତାକୁ ଯେ ବିଲାଇ ମଣିଲୁ (ପୃ୯୬)

*** *** ***

ବେନିଗୋଟି ରାମ ଦେଖି ହେଲେ ଅଚାବୁହା (ପୃ୯୬)

*** *** ***

ଡାହୁକ ପନସ ସେ ଯେ ନାନବୃକ୍ଷ ଗୋଟା (ପୃ ୯୮ )

*** *** ***

ସୀତୟା ସୁନ୍ଦରୀ ଯେ ହୁଳହୁଳି ଦେଲେ (ପୃ ୯୮ )

*** *** ***

ଗୋଦାବରୀ କୂଳରେ ରହିଲେ ଯାଇକରିଁ ( ପୃ ୯୯ )

*** *** ***

ସୋମେନ୍ଦ୍ର ଭାଇକି ରାଜ୍ୟୁ ବାହାର କରିଦେଲେ (ପୃ୯୯)

*** *** ***

ଭୀମରାବ ଦେଇ ଗଂଗା ବହିଲେ ଖଲ ଖଲ ( ପୃ ୧୦୧)

*** *** ***

କନ୍ଦା କନ୍ଦମୂଲ ଭିନେ ସିଝାଇ ଖାଇବି (ପୃ ୧୦୧)

*** *** ***

ହାଇମାରି ବିକୋଦର ଉଠିଣ ବସିଲା (ପୃ୧୦୩)

*** *** ***

ତାମ୍ବିରେ ନାପିଲେ ହେବ ନଉସସ୍ର ପୁଡା ( ପୃ ୧୦୬)

*** *** ***

ପୁଣି ପଥରକୁ କଲା ମହୁଲ ଭଜା ଚଟୁ (ପୃ ୧୦୬)

*** *** *** ***

ଶିର ଲୁଆଇଣ ଭୀମ ଭିତରେ ପଶଇ ( ପୃ୧୦୮)

*** *** *** ***

ହାବୁଡା ହାବୁଡି ହୋଇଲେ ବେନି ଜନ (ପୃ୧୦୮)

*** *** *** ***

ଉଲୁଟାଇ ଅସୁର କୁ ବସିଲା ବେଗେ ମାଡି ( ପୃ ୧୦୯)

*** *** ***

ଭୀମ ଡାବର ମାଟି ଘେନି ଯୁଧ୍ୟକୁ ସେ ଯିବ (ପୃ ୧୧୦)

*** *** ***

ଅରିତୁରେ ଆମ୍ଭ ଯେବେ ବଉଲିଣ ହେଲା ଗଜା (ପୃ ୧୧୪)

*** *** ***

ଭୀମର ରୁପିଲା ବୃକ୍ଷ ହେଲା ପର୍ବତର (ପୃ ୧୧୪)

*** *** ***

ଦେଖିକରି ଆଶ୍ରିଜ ହୋଇଲେ ବ୍ରହ୍ମଚାରୀ (ପୃ୧୧୭)

*** *** ***

ଖଲ ଖଲ ହୋଇ ଦୁଧ ହୋଇଲା ବାହାରି ( ପୃ୧୨୦)

*** *** ***

ମଡିଆ ଘରେ ନେଇ ଦେବତା ଉଲାଇଲେ (ପୃ ୧୨୩)

*** *** ***

ଫଲହାର ବିହନ ତୁ ରୁପିବୁ ବହନ (ପୃ ୧୨୪)

*** *** ***

ରାଜାର ମୁଖ ଚାହିଁ ସେ ଉଲଗି ହୋଇଲା (ପୃ ୧୨୫)

*** *** ***

ଦେଉଲକୁ ପଦିଷ୍ଠା ଯେ କରିଣ ରାଜନ (ପୃ ୧୨୬)

*** *** ***

ଘୁଁରୁ ଘୁଁରୁ ମାଡିଆ ଗୁଣ୍ଡ ହେଲା ବାରଖଣ୍ଡି (ପୃ ୧୨୮)

*** *** ***

କିଛୁ କିଛୁ ଧନରତ୍ନ ଦେଲେ ରାଣୀମାନେ (ପୃ ୧୩୭)

*** *** ***

ରାଣୀମାନେ ବସିଲେ ଉତ୍ତୁନା ମାନ ଦେଇ (ପୃ ୧୩୮)
ବାଟରେ ଖୁନ୍ଟ ପିଟିଣ  ଲୁଟିଜୁରି ନ୍ୟନ୍ତି (ପୃ ୧୩୯)

*** *** ***

ଖୁଟକାଟି ତାସ କରି କନ୍ଦରା ମାଟିକଲେ (ପୃ୧୩୯)

*** *** ***

କେ ବୋଲଇ ତୋହର ମାଆକୁ ନିଏ ମୁହିଁ ( ପୃ ୧୪୦)

# ୬

# ସ୍ୱାଧିନତା ଆଘୋର କୋସଲି ସାହିତ୍ୟ

ଓଡିସା କେ ଛାପାଖାନା ଆସଲା ୧୮୩୮ରେ ଆଉ ୧୮୬୧ ରୁ ପତ୍ରପତ୍ରିକା ଛାପବାର ମୁଲ ହେଲା । ସେ ବେଲର ବାମଣ୍ଡା ରଜା ସାର ବାସୁଦେବ ସୁଢଲ ଦେବକର ପୃସ୍ଠପୋସକତା ଆର ପଣ୍ଡିତ ନୀଲମଣି ବିଦ୍ୟାରତ୍ନକର ସଂପାଦନାରେ ବାହାରୁଥିବା ସମ୍ବଲପୁର ହିତୈଷିଣୀ ପତ୍ରିକା ରେ ଓଡିଆ ସାଂଗେ ସାଂଗେ କୋସଲି ଭାସା ର ଲେଖା ବି ଛପା ହଉଥିଲା । **୧୮୯୧** ମସିହାରେ କବି **ମଧୁସୁଦନ** କର ଗୁଟେ କବିତା ବାହାରିଥିବାର ଜନା ପଡିଛେ । ସେତାକେ **ପହେଲା ପ୍ରକାସିତ କୋସଲି କବିତା** ବଲି ଧରା ଜାଏସି ।

କହ ଗୋ ଦୁତି ମୁଇଁ କେନ୍ତା କରସିଁ ଗୋ
ନନ୍ଦପୁଅ କାହ୍ନାକେ ଦେଖଲେ ବଡା କାବା ଲାଗୁଛେ ଗୋ ।
ଦିସୁ ଥିସି କଲିଆ ଟରଟର
ପିନ୍ଧିଥିସି ହଲଦିଆ ଜରଜର
ଧୋବ ଫରଫରଟେ ଜାନବାରିର ଟେ
ବେକେ ଉଲେଇ ହେସି ଗୋ ?
ଜମନା ନଏଦକେ ଗାଧି ଗଲେ
ବସିଥିସି କଦମ ତଲେ
ଦେଖଲେ ଧାଏଁସି ସାଂଗେ ଗୁଡାସି
ସାଂଗେ ଗାଧି ବସସି ଗୋ ।

କାଏଁ କାଏଁ ମନ୍ତର ଜନ୍ତର ଆଏସି ତାହାକେ

ମୁସା ଡିଇଁସା ହେସି ଘାଏକେ
ଜାହା ଖାଏସି ଗୁରସ ଖିରସା
ସବୁ ଚୁରେଇ ଖାଏସି ଗୋ ।

ଛିନା ବେଲେ ଘରକେ ଜାଇ
ହରଦମ ଡାକେ ମାଇଁ ମାଇଁ
ଡାଁଡେ ବୁଲେ ପଡାକେ ଗଲେ
ଖୁଲି ବାଖଲି ହେସି ଗୋ ।

ହେଲେ ଇତାର କେତନି ଆଘୋନୁ କୋସଲ ବାହିରେ ଗିତ ଆର କବିତା ଲେଖବାର ସୁଚନା ମିଲିଛେ । ଛାପବାର ଅଭାବ ନୁ କେତନି ଟେ ଲେଖା ଝାରେ ଫୁଟି ଝାରେ ମୁର୍ଝେଇ ଗଲା ବାଗିର ହେଇଛେ ।

ଦେସର ସ୍ୱାଧିନତା ଆଘୋନୁ କେତନି ଟେ କବି କୋସଲି ଭାସା ରେ ଲେଖୁଥିବାର ପ୍ରମାଣ ମିଲିଛେ । ସେ ଭିତରୁ କିଛି ହେଲେ କବି ଜତନ, ଚଇତନ ଦାସ, ବାଲାଜି ମେହେର, ଲଖମଣ ପତି, ଗଂଗାପ୍ରସାଦ ପଣ୍ଡା, ମୌଲାନା ମୁସ୍ତକିମ ଖାନ, କପିଲ ମହାପାତ୍ର, ପରିକ୍ଷିତ ଖଣ୍ଡୁଆଲ, ଧନେସ୍ୱର ମହାପାତ୍ର, ମାୟାଧର ସେଠ, ସ୍ରିଧର ଉଦଗାତା, ବିଧୁଭୁସଣ ଗୁରୁ, ଇନ୍ଦ୍ରମଣି ସାହୁ, ଚିନ୍ତାମଣି ସାହୁ, ଦନେଇ, ବୈଦ୍ୟନାଥ, ନାକଫୁଡି ପଣ୍ଡା, ସତ୍ୟନାରାୟଣ ବହିଦାର ଆଦି ।

ସ୍ୱାଧିନତା ଆଘୋରୁ ଓଡିଆ ପତ୍ରପତ୍ରିକା ମାନେ ଜେନ୍ତା ଜିଜ୍ଞାସୁ, ପାରିଜାତ, ପାଟଣା ଦୀପିକା, ଶଂଖ ଆଦି ନେ ଭିନେ ଭିନେ କୋସଲି କବିମାନକର କବିତା ବାହାରୁଥିଲା । ୧୯୪୪ ମସିହାରେ ଶଂଖ ପତ୍ରିକାର ସଂପାଦକ ଡ. ମାୟାଧର ମାନସିଂହ ତାକର ପତ୍ରିକାରେ କୋସଲି ଭାସାର ଲେଖା ଛାପିକରି ସମାଲୋଚନା

ର ସିକାର ହେଇଥିଲେ । ସେ କବିତା ଟା ହଉଛେ ନାକଫୁଡି ପଣ୍ଡା ଂକର 'ପାସରି ଦେବୁ କାଏଁ ନ' ।

## ପାସରି ଦେବୁ କାଏଁ ନ ... ?

ପିଲା ଦିନର୍ ସାଂଗ୍ ସରସା ପାସ୍‌ରି ଦେବୁ କାଏଁନ ।
ମୁଡା ବନ୍ଧର୍ କନ୍ଦାକୁଡା ସୋର୍ ଅଛେ କି ନେଇଁନ ?
ସଂଜ ବେଲର୍ ଲୁକଲୁକାନି
ଡାଁଡ୍ ଖୁଲିର୍ ଖକ୍ ।
ଗୁଡି ମଡପର୍ ଖୁମ୍ ଖୁମାଲୋ
ଛୁର୍‌କି ସଇ ସତ୍ ।
ନଏଦ୍ ପହଁରା ବାଲିର୍ ଘର
ଦୁଲି ଝୁଲା ବଡା ସୁଖ୍ ।
ଆଏଜ୍ ଦିନ୍‌କେ ହେତେଇ ଦେଲେଁ
ଲାଗୁଛେ ବଡା ଦୁଖ୍ ।
ସୋର୍ ଅଛେ କି ନେଇଁନ ?
ପିଲା ଦିନର୍ ସାଂଗ୍ ସର୍‌ସା
ପାସ୍‌ରି ଦେବୁ କାଏଁନ ।୧ ।

ପରର୍ ଘର୍ ଘର୍ ହେବା ତୋର୍
ପରର୍ ବୁଲେଁ ସାର୍‌ବୁ ଦିନ୍
ନେଇଁ ଚଲେ ତୋର୍ ଇଚ୍ଛା ।
କାହିଁର୍ ଚିହ୍ନାର୍ କାହିଁର୍ ଜନାର୍
ଜୁଟେଇ ଦେବା ବୁଆ ।
ଫୁଫ୍‌ଲା ବାହ୍ମନ୍ ହାତ୍‌ଧର୍‌ବା

ଶୁଲ୍‌କ ଅଖାଡୁଆ
କୁକୁର୍‌କେ ଭି ଠାକୁର୍ ବଲିଁ
ମାନ୍‌ବୁ ସବୁ ବେଲେଁ ।
କାଏଁ ପାରୁଛୁ ତର୍‌କି ଥିବୁ
ପଡିଜିବା ଭାଏଲ୍ ଗାଲେଁ
ସେନକେ ଯିବୁ ଯେଭେଁ
ପିଲା ଦିନର୍ ସାଂଗ୍ ସର୍‌ସା ନେଇଁ ଭୁଲ୍‌ବୁ କେଭେଁ । ୨ ।

**(ଶଂଖ, ଦେବଗଡ, ୧୯୪୪)**

## ଭୁଲାମନ ଚଉତିଶା

ପାଟଣା–ବୁଡାସମର ଇଲାକା ନ **ଜତନ ଆର ରତନ** ବଲି ଦୁଇଟା ଗାହାକ-ବାହାକ ବୁଲି ବୁଲି ସଂପର୍ଦା କରୁଥିଲେ ଆର ସେମାନେ ପ୍ରାୟ ୧୫୦–୨୦୦ ବଛର ଆଘୋନୁ କବି ଯତନ 'ଭୁଲାମନ ଚଉତିସା' ଲେଖିଥିଲେ । ଭୁଲାମନ ଚଉତିସା ସମ୍ବଲପୁର ବିସ୍ୱବିଦ୍ୟାଲୟର ସାହିତ୍ୟ ପତ୍ରିକା ସପ୍ତର୍ଷିରେ ଜୁନ–ଜୁଲାଇ ୧୯୮୭ରେ ସ୍ରି ଅଭିମନ୍ୟୁ ପଧାନ ସାଁକଲିକରି ବାହାର କରେଇଥିଲେ । ଚଉତ୍ରିସ ପଦ ର କବିତା ନୁ କିଛି ପଦ:

କହୁଛେଁ ଶୁନ କର୍ମହୀନ
କିଏ ଦେଖିଛେ ଉଆଁସ ଜହ୍ନ
କୁଇଲି ଗୀତର ଅର୍ଥ ଶୁନ, ହଇକି ଭୁଲାମନରେ
କେତେ ସୁତରେଁ ବହେ ପବନ ଯେ । ୧ ।

ଖଏରଚା ଯାକ ଖଡିରେ ଲିଖ
ଖଏରଚା ସଙ୍ଗେଁ ପାଇବୁ ଦୁଖ
ଖାଇସାଏଲେ ଖପରା ଫିକ, ହଇକି ଭୁଲାମନରେ
ଖେଲ ଖେଲୁଥିମାଁ ଦୁହି ଲୁକ ଯେ । ୨ ।

ଗୁପତେ ଗୀତା ଗାଇଲେ ହେତା
ଗଂଜାଇ ଖାଏଲେ ବାବାଜି-ମାତା
ଗିଆନ କରଲେ ରାଏତ ସରତା, ହଇକି ଭୁଲାମନରେ
ଗୁରୁ ସେବିଥିଲେ ଜଗତ ଜିତା ଯେ । ୩ ।

ଘଡିକେ ଘଡି ଘୋର ଲହଡି
ଘୁଡକା ଶବଦ ଦେଇଛେ ରଡି
ଘର ଭାଂଗିଗଲେ ବଉଁଶା ଛିଡି, ହଇକି ଭୁଲାମନରେ
ଘରୁ ଘରନୀ ପଲାଏ ଛାଡି ଯେ । ୪ ।

ଙ ଅକ୍ଷର ଅବନାଅକ୍ଷର
ଅହରନିଶି ବସି ଭଜନା କର
ଅର୍ଥ କର ଅର୍ଥ ନଥିଲେ ବରତ କର, ହଇକି ଭୁଲାମନରେ
ଅଷ୍ଟ ଦୁର୍ଗତିରୁ ହେବୁ ପାର ଯେ । ୫ ।

ଚଂଚଲା ଚାନ୍ଦ ଚରଣା ବିନ୍ଦ
ଚିତ ନିବେଶିଲେ ଚାହିଁବ ଅନ୍ଧ
ଚାରି ପୁରାନରୁ ବାରସ କନ୍ଧ, ହଇକି ଭୁଲାମନରେ
ଚିହ୍ନି ଗାଇବୁ ଛାନ୍ଦକୁ ଛାନ୍ଦ ଯେ । ୬ ।

ଛାନ୍ଦକୁ ଛାନ୍ଦ ଛାଡ ସଂବାଦ
ଛାଡିଦେଲେ କାହିଁ ପାଇବୁ ଭେଦ
ଛନ୍ଦ କପଟକୁ ହୃଦରୁ ଖେଦ, ହଇକି ଭୁଲାମନରେ
ଛୁରି ଦାଢେ ନ ପକାଅ ପାଦ ଯେ ।୭ ।

ଜୁଲକି ସୁନା ଜୀବନ ଘେନା
ଜିଇଁବି ବଲି କରୁ ଭାବନା
ଜମୁନା କୁଲରେ ନନ୍ଦର କାହ୍ନା, ହଇକି ଭୁଲାମନରେ
ଯେବେ ଥିବ ତୋର ପୂର୍ବ ବାସନା ଯେ ।୮ ।

ଝଟତି ଯିବୁ ଝୁଁଟାଇ ହେବୁ
ଝୁମରା ଲାଗଲେ ଶୁଇ ପଡବୁ
ଝଲକା ପିନ୍ଧଲେ ଭେଲକା ହେବୁ, ହଇକି ଭୁଲାମନରେ
ଝୁଲି ବାଟରେ ନାବ ବାହିବୁ ଯେ ।୯ ।

ନ୍ୟନ ବହି ନପାରେ ଭେଦି
ନିଦାନ ଭୂଇଁଟି ପରମ ସନ୍ଧି
ନନ୍ଦ ନନ୍ଦନ କରୁନା ନିଧି, ହଇକି ଭୁଲାମନରେ
ନିଜ ଦେହରେ ପାରିବୁ ସାଧି ଯେ ।୧୦ ।

ଟରକୋ ବୁଢା କାଠର ଘୁଡା
ଟକର ମକର ପଡେ ପାହୁଡା
ଟାନ-ପନକଲେ ଖାଇବୁ କୁଡା, ହଇକି ଭୁଲାମନରେ
ଟାନି ଧରିଆ ଲଗାମ ଯୁଡା ଯେ ।୧୧ ।

ଠଣ-ସୁନ୍ଦର ଠାକୁର ବର
ଠିକ ଚିହ୍ନି କରି ଥାପନା କର
ଠୁଳ ଶୂନ୍ୟ ପରେ ଯାହାର ଘର, ହଇକି ଭୁଲାମନରେ
ଠାସେ କହେ ଯତନେ ପାମର ଯେ । ୧୨ ।

ଡକୁଆ ଚୁର ଅନ୍ଧାର ଘର
ଡିବିରି ଲିଭଲେ ଫେରି ନି ପାର
ଡରି ଡରି ପଶ ନୁହଁ ତତ୍ପର, ହଇକି ଭୁଲାମନରେ
ଡକା ପଡିବ ସମନ ପୁର ଯେ । ୧୩ ।

ଢୁକିଲା ବେଲେ ଢେକେଇ ହେଲେ
ଢିଲା ହଇ ଗାଏ ଭିରକି ଗଲେ
ଢୁକିବାର ବାଟ ନାଇଁ ପାଏଲେ, ହଇକି ଭୁଲାମନରେ
ଢିଲା ଚରୁଛି ସମନ ଆଲେ ଯେ । ୧୪ ।

ଅର୍ଜି ଦିଅ ଅନର୍ଥ ନୁହଁ
ଅଦାଲତେ ଯାଇ ହାଜର ହୁଅ
ଅକିଲ ଧର ଜବାବ ଦିଅ, ହଇକି ଭୁଲାମନରେ
ଆନ କଥାକୁ ମନେ ନ ନିଅ ଯେ । ୧୫ ।

ତରକି କରି ତିରନ ଧରି
ତିରି ରଂଗ ସଂଗ ଦେବୁ ପାସୋରି
ତେବେ ଯିବୁ ଭବ ସାଗରୁ ତରି, ହଇକି ଭୁଲାମନରେ
ତୋର ଶରୀର ଚିହ୍ନିଲେ ହରି ଯେ । ୧୬ ।

ଥବିର ଘର ଥୟ ନ କର
ଥାପିଲା ଦେବତା ନ ଦିଏ ବର
ଥିର ମନେ ବସି ସାଧନା କର, ହଇକି ଭୁଲାମନରେ
ଥିଲେ ବୁଦ୍ଧିଗ୍ୟାନ ହେତୁ କର ଯେ । ୧୭ ।

ଦଏବ ଧାତା ଦେଇଛେ ଚିନ୍ତା
ଦେଉଳ ଗଢି ଯେଉଁ ବିଧାତା
ଦୃଢ ମନେ ଭଜ ହଇ ଏକତା, ହଇକି ଭୁଲାମନରେ
ଦୁଇ ଦିନ ପାଇଁ କେତେ ଚିନ୍ତା ଯେ । ୧୮ ।

ଧନୀ ପୁରୁଷ ଧୁରିଆ ଦେଶ
ଧୁର୍ମ କୁହୁଡି ଚଇତ ମାସ
ଧରମ ଉପରେ ପରମହଂସ, ହଇକି ଭୁଲାମନରେ
ଧର୍ମ ଥିଲେ ବଇକୁଣ୍ଠ ବାସ ଯେ । ୧୯ ।

ନୂଆଁ ହୋଇଛି ନାଇଁ ଜାନୁଛି
ନାଗରୀ ସଂଗତେ ମନ ଚଲୁଛି, ହଇକି ଭୁଲାମନରେ
ନିଶା ଖାଇ ହେତୁ ବୁଡାଉଛି ଯେ । ୨୦ ।

ପଢିବୁ ପାଠ ପାଇବୁ ଭେଟ
ପଡିଛି ସଡଖ ଗୋଠ ଠୁଁ ମଠ
ପାଂଚ ଲୁକ ସଂଗେ ନ ଚାଲ ବାଟ, ହଇକି ଭୁଲାମନରେ
ପାଂଚ ପ୍ରକୃତିରେ ନଟକୂଟ ଯେ ।୨୧ ।

ଫରକି ଥିବୁ ଫାନ୍ଦେ ପଡିବୁ
ଫୁଲଫୁଟା ଧୁତି ନାଇଁ ପିନ୍ଧିବୁ
ଫୁଲ ମାଖିଲେ ଦର୍ପନ ଦେଖିବୁ, ହଇକି ଭୁଲାମନରେ
ଫିରି ଯମ ପୁରରୁ ଆସିବୁ ଯେ । ୨୨ ।

ବଡ ଦେଉଲ ବହୁତ ଚୂଲ
ବାଇଶୀ ପାବଛେ ହଇଛି ଠୁଳ
ବଟବୃକ୍ଷେ ଅଛି ଦକ୍ଷିଣ ପାଳ, ହଇକି ଭୁଲାମନରେ
ବିଜେ କରିଅଛନ୍ତି ଆଦିମୂଳ ଯେ ।୨୩ ।

ଭକତ ଜନେ ଭାବଇ ମନେ
ଭକୁଆ ଯତନ ଅଧମ ଭଣେ
ଭାବଗତ ପଦ ରଖିଥା ମନେ, ହଇକି ଭୁଲାମନରେ
ଭବୁଁ ରକ୍ଷାକର ସାଧୁଜନେ ଯେ । ୨୪ ।

ମଲାବେଲକୁ ମାୟାଜାଲକୁ
ମୂଷାପରି କାଟ କାଳ ଫାଶକୁ
ମନେ ରଖିଥିବୁ ହରିକଥାକୁ, ହଇକି ଭୁଲାମନରେ
ମିଛ ମଣିବୁ ପର କଥାକୁ ଯେ । ୨୫ ।

ଜଗିଲେ ବାଟ ପାଇବୁ ଭେଟ
ଯମୁନା କୂଲରେ ନନ୍ଦର ଚାଟ
ଯୋଗୀବେଶ ଧରି ବାନ୍ଧିଛି ଥାଟ, ହଇକି ଭୁଲାମନରେ
ଯେବେ ଜାନିବୁ ତୁ ନାମ ରଟ ଯ ।୨୬ ।

ରା ଅକ୍ଷର ରାବଣେଶ୍ୱର
ରଘୁନାଥ ଦଶରଥ କୁମର
ରାମଲଇଖନ ଲେଖି ଶରୀର, ହଇକି ଭୁଲାମନରେ
ରଥ ଶୂନ୍ୟେ ଚାଲେ ତତ୍ପର ଯେ । ୨୭ ।

ଲାଭେ ସଂସାର ଲୋଭ ନ ମର
ଲାଲ ମହାକାଲ ପୁଡା ଅଂଗାର
ଲୁହା ସଂଗେ ଅଗ୍ନି ଖାଉଛି ମାର, ହଇକି ଭୁଲାମନରେ
ଲାଂଚ ଖାଇଯିବୁ ଯମଘର ଯେ । ୨୮ ।

ବହୁତ କଥା ବୁଝିଲେ ହେତା
ବଡ ଦେଉଳର ବଡ ଦେବତା
ବଡ କାମ କଲେ ବଡ ଶକତା, ହଇକି ଭୁଲାମନରେ
ବୁଦ୍ଧି ଦେବେ ବୃଦ୍ଧ ପିତାମାତା ଯେ ।୨୯ ।

ଶ୍ରୀଭାଗବତ ସହସ୍ରେ ମତ
ସଂସାର ଖୁଜିଲେ ନପାଉଁ ଅର୍ଥ
ଶରୀର ଖୁଜିଲେ ପାଇବୁ ନିତ୍ୟ, ହଇକି ଭୁଲାମନରେ
ଶିରୀଭଗବତ ଭାବ-ଗତ ଯେ । ୩୦ ।

ଷୋହଲ ବଖରା ସହିତେ ଧରା
ଶରୀରରେ ଝାଲ ନୋହିବ ପରା
ସଂସାରେ ଉଦୟ ହୋଇଛି ଧାରା, ହଇକି ଭୁଲାମନରେ
ସରି ଯାଉଛି ଦିବସ ଖରା ଯେ । ୩୧ ।

ସରକାରକୁ ସହି କଥାକୁ
ସାକ୍ଷୀ ରଖିଥିବୁ ସାତ ଜଣକୁ
ସାତଟଂକା ଦେବୁ ଆଠ ଜଣକୁ, ହଇକି ଭୁଲାମନରେ
ସତ କହିବେ ଭଲମନ୍ଦକୁ ଯେ । ୩୨ ।

ହେଜିବୁ ଯେବେ ହରିଂକି ତେବେ
ହରଷ ମନରେ ଭେଟିବୁ ତେବେ
ହରେକ ଦୂରୀତ ହରିବେ ତେବେ, ହଇକି ଭୁଲାମନରେ
ହଟ କିଶୋର ଅଛନ୍ତି ଭାବେ ଯେ । ୩୩ ।

କ୍ଷମା ସାଗର କ୍ଷିତିରେ ସାର
କ୍ଷମ ସୁନ୍ଦର ସେ କମଲାବର
କ୍ଷମା କରିଦେବେ ଦୁଖକୁ ତୋର, ହଇକି ଭୁଲାମନରେ
କ୍ଷନ୍ଦେ ଭଣେ ଯତନ ପାମର ଯେ । ୩୪ ।

## ବାଲାଜି ମେହେର

**ବାଲାଜି ମେହେର** ଥିଲେ ଗଂଗାଧର ମେହେର କର ସମସାମଇକ । ଗଂଗାଧର ଓଡିଆ ଥି ଲେଖଲା ବେଲକେ ବାଲାଜି କୋସଲିରେ ଲେଖୁଥିଲେ । ବାଲାଜିକର ପହେଲା କବିତା ଗୁଁଡିଆ ୧୯୭୨ମସିହା ଜାନୁଆରିରେ ସପ୍ତର୍ଷିରେ ବାହାରିଥିଲା । ଇ ଗୁଁଡିଆ କବିତା ଟା ୧୯୧୨ ମସିହାରେ ଜେତେବେଲେ ଇଂଲଣ୍ଡର ଜୁବରାଜ ସସ୍ତ ଜର୍ଜ ସମଲପୁର ଆସିଥିଲେ ତାକର ସ୍ୱାଗତରେ ସମଲପୁର ଫ୍ରେଜର କ୍ଲବ ନ ପଢିଥିଲେ । ତାକର ଆର ଲେଖା ମାନେ ହେଲା କୁମ୍ଭାର ପସରା, ଗଉଡ ଗମନ,

ସୁନାରି ପସରା ଆର ବରଗଡ ବଜାର । ଇ ସବୁ ଲେଖାମାନେ  ୧୯୭୨ ର ସପ୍ତର୍ଷି ରେ  ବାହାରିଥିଲା ।

**ଗୁଁଡିଆ**

(୧)

ଶୁନ ଶୁନରେ ପାଲିଆ ଭାଇ
ଗୁଁଡିଆର କଥା ଦେଉଛେଁ ଗାଇ
ଘର ଦୁଆର ଡାଁଣ ଖୁଲି
ବେଲ ବୁଡଲେ ଗୁଁଡିଆର ପାଲି ।
ଗବର ଗଦା ଉରକୁଲା
ତହିଁକେ ଗୁଁଡିଆ ମିଲକିଲା ।
ପୋଡ ପିଛାଲଁ ପୁରା ପୁରା
ବସିଥିବେ ତରା ତରା ।
ଠାନ ଠାନ କରି ପନ୍ଦର ଠାନେଁ
ଚାବି ଆନୁଥିବେ ନାକେ କାନେଁ
ପୋଡ ପାନି ଦେଲେ ବୁଡି
ଗୁଁଡିଆ ଉଡଲେ ଆଶା ଛାଡି ।
ଗାଁ ଗୁହାଲେ ଗୁଁଡିଆ ବିଜେ
ଆଗେ ଘୁନ ଘୁନ ଘଁଟି ବାଜେ  ।

(୨)

ଗୁଁଡିଆର କନିଆଁ ଦୁଇ ଗୁଟି
ଘୁନଘୁଟି ଆଉର କୁରକୁଟି ।
ସେ ଦିନେ ତାଁକର ମଂଗଲବାର
ଦେବୀକେ ଦେବେ ରକତଧାର ।

ନାଇଁ ଦେଲେ ନାଇଁ ଚଲେ
ଗୁଁଡିଆ ଗଲା ରାତିର ବେଲେ
ଦେଖଲା ତଷୁ କୁହୁଲା ଦିଆ
ଗୁଁଡିଆ ବଏଲା ନାଇଁରେ ବୁଆ ।
ଗଲେଁ ମଲିଁ ରକତ ଭୁଗି
ଜୀବନ ଯିବା ମାଏଝିର ଲାଗି ।
ନୂଆଁ ମାଏଝି କରମି ପଛେଁ
ଜୀବନ ଯିବା ମିଛେଁ ମିଛେଁ ।
କୁହୁଲା ଘର ମତେ ଅଡୁଆ
ଏନତା ବିଚାର କରଲା ଗୁଁଡିଆ ।
ଯାଇ ବସଲା ଲୁକର ଭିଲହି
ଠାନ ଜାନି ଜାନି ହୁଂଗମି ବଲି ।
ଜନେ ବସିଥିଲା ପଛ କରି
ଚୁତଲେ ବସଲା ପଟକରି ।
ଲମ ଲମ ଗୋଡ ଲପଲପ
ମୁହଁ ସୁଜି ହୁଂଗେ ଟପ ଟପ ।
ହାଏ କରି ଦେଲା ଥାପର ପିଟି
ଧରି କରିଁ ଦେଲା ସଏଲତା ବଟି ।
ପଲାଲା ତରସର ରଖଲା ଜାନ
ଗୁଁଡିଆଁର କନିଆଁ ଧଏଲା କାନ ।
ମଂଗଲା ଦେବୀର ଉଷା ବରତ
ଆଏଜ ତତେ ନଇଁ ମିଲଲା ରକତ ?
ନାଆଁକେ ମରଦ ଗଁଡିଆଁଟା

ଦୁଇ ମାହେଜିର ଭଡୁଆଟା ।
ଯାହା ରାଂଧିଥିଲୁ ଖାଏଲୁ ସବୁ
ଆଉର ଖାଏବୁ କାଏଁ ପରସି ଦବୁଁ ।
ସଂଗେ ଶୁଇକରି ଗଡଗଡୁ
ଘଏତା ହେବାର ମୁହୁଁଟା ପୁଡୁ ।
ଗୁଁଡିଆ ବଏଲା ସୁନରେ ନଟି
ଦେଇଥିଲା ଯେନ ଥାପଡ କୁଟି ।
ଦର ବଜକିଆ ନାଇଁ ବାଜଲା
ବାଜିଥିଲେ କାଏଁ ଜୀବନ ଥିଲା ।
ନାଇଁ ବାଜିକରି ଉଁରଲି ପଡଲି
ତିନଘଡି ଯାକେ ମୁରଛା ଗଲିଁ ।
ପାଁଚ ଘଡି ନ ପାଏଲି ଚେତା
ମରିଯାଇଥିଲେ କେନତା ହେତା ?
ଭଂଗା ଧୁନଥି ମାଏଲେ କାଁଡ
ଘଏତା ମଲେ ମାଏପୋ ରାଁଡ ।
ଆନି ଦଉଥିଲେ ପିତଲ ପିତଲ
ଟେଁଡି ଦଉଥିଲେ ବୁତଲ ବୁତଲ ।
ଆନି ଦେଇଥିଲେ ଖୁଜି ଡୁଁଡି
ସବୁ ଦେଉଛେ ନାକେ ଟେଁଡି ।
ମାହେଜି ଜନମ ବଢେ ସାଫୁଲ
ଖାଇ ଜାନସନ କାପୁଲ କାପୁଲ
କନିଆଁ ଛାଡି ଆଏଜ ପଳାମିଁ
ସବୁଦିନେ କାହୁଁ ଆନି ଦେମି ।
ଭଲ ପଛେ ନାଇଁ ବଲବ ମତେ

ଚୁରେଇ ରକତ ଆନମି କେତେ ।
ମନ ଚିହ୍ନି କରି ମାଏପୋ ହିତ
ବାଲାଜି ରଚଲା ଗୁଁଡିଆ ଗିତ ।

(୩)

ଯେତେ ଗୁଁଡିଆର ପହିଜ କରା
ମକରା ବଏଲା ରହରେ ଟୁରା ।
ମନେ କଲା ମହା ରୋଷ
ଜାଲ ଖେଲଲା ବାର କୋଶ ।
ଘର ଦୁଆର ପଛକୁତି
ଜାଲ ଖେଲଲା ଯତଖତି
ଘରଦୁଆର ଭଂଗାପୁଲା
ନାଇଁ ରଖଲା ଟିକେ ମେଲା ।
ବେଲ ବୁଡଲା ଘୁଟଲା ରାତି
ଖଏଲେ ଶୁଇଲେ ଲିଭେଇ ବତି
ଦୁରୁଁ ଗୁଁଡିଆ ଦରକିଲା
ଜାଲ ଦେଖିକରି ସରକିଲା
ସଂଗ ଧରିକରି ଯିମିଁ ହେଲେଁ
ନାଇଁ ପଡମିଁ ମକରାର ଜାଲେଁ ।
ଗୁଁଡିଆ ଯାଇଛେ ସାହିକେ ସାହି
ଟଁଢେଇ ଯାଇଛେ ରକତ ଚୁହି ।
ଭେଟ ପଡଲେ ଏକା ଠାନେ
ଦେଖଲେ ଘରେ ଶୁଇଛେ ଝନେ ।
ଦୁହିଁକେ ଦୁହେଁ ହେଲେ ଯୁକତ

ଶୁଇଲା ଲୁକର ବାଁଧଲେ ବକତ ।
ମୁନୁଷ ରକତ ଟଁଢେଇ ଚୁହେ
ଗୁଁଡିଆ ଚାବଲା ଟଁଢେଇ ଦିହେ ।
ଟଁଢେଇର ଦିହ ଦୁରଗଁନ୍ଧି
ଗୁଁଡିଆ ଚାବଲା ରାକସଁଧି ।
ଚଡଡୋ ଥାପଡ ପିଟଲା ଟାନେ
ଗିଜ ମଲକା ଗୁଁଡିଆ ଜାନେ ।
ଧମକେ ଗୁଁଡିଆ ଦେଲା ମୁତି
ଶୁଇଲା ଲୋକ ଉଠଲା ଚେତି ।
ଉଠି ବସିକରି ଧଏଲା ଚୁନ୍ଦି
ରଶି ଆନି ଗଛେଁ ଦେଲା ବାନ୍ଧି ।
ଢେଁଢେଲ ଝଁଟର କୁର୍ତା
ଦୁହି ଗିଜେ ଦୁଇ ସର୍ତା ।
ଉଁଚଲି ଉଁଚଲି ପଡେ ଛାଲ
ଗିଜ ଫାଟିଗଲା ଫାଲ ଫାଲ ।
ପିଟଲା ପିଟଲା ଦେଲା ଛାଡି
ଦୁଇ ଲାତ ଦେଲା ଯାରେ ଶାଳି ।
ଟଁଢେଇ ପଲାଲ ଜାନ ଧରି
ଗୁଁଡିଆ ରହେଲା କୋଡ ବାରି ।
ଆଁଟେ ଖିଡକି ଦେଲା କିଲି
ଗୁଁଡିଆ ବଏଲା ମଲି ମଲି ।
ସକାଲୁ ଖିଡକି ଦେଲା ପେଲି
ଗୁଁଡିଆ ଗଲା ବାଟେଁ ଚାଲି ।
ରକତେଁ ରକତେଁ ସର ସର

ପଲାଲା ଗୁଁଡିଆ ତର ସର ।
ବେଲସୁଁ ଗୁଁଡିଆଁର କନିଆ ଯୁଡେ
ଗୋଡଧୁଆ କଲେ ଧୁତି ଖଁଡେ ।
ବସେଇ ଶେଯେ କଲେ ଗେଲ
ମର୍ଦନା କଲେ ମାନେ ତେଲ ।
ବାଲାଜୀ ରଚଲା ଚଟପଟ
ନିଦ ପଡିଗଲା ଝଟପଟ ।

**(ଲେଖା ସମିଆଁ ୧୯୧୨)**

## ଲଖମଣ ପତି

ବାଲାଜି ମେହେରକର ଆର ଝନେ ସମସାମଇକ ହଉଛନ **ଲଖମଣ ପତି ।** ବରଗଡ ଜିଲା ବିଜେପୁର ପାଖର ଖରମୁଣ୍ଡା ଗାଁରେ ୧୯୦୦ ଆଡକେ ତାଂକର ଜନମ । ଲଖମଣ ହଉଛନ ନାଟକ ସାହିତ୍ୟ ର ଲେଖକ । ତାକର ଲେଖାମାନେ ହେଲା ସବର ଲିଲା, ଭୁଲିଆ ପସରା, କଁରରା ପସରା, ଆର ତେଲି ପସରା, ମୁନୁସ ବରନ, ମାଏଝି ବରନ ଆଦି ।

**ତେଲି ପସରା**

ଝଟପଟ ଝପଟ ବାଲି
ଯେନତା ବାଡିକେ ତେନତା ଛେଲି ।
ଶୁନ ଶୁନରେ ପାଲିଆ ଭାଇ
ତେଲି ପସରା କହେମି ମୁଇଁ ।
ତେଲେନ ମାଏଝି ପସରା ବସା
ଖୁସି ଦେଇଛେ ଢଲିଆ ଖୁସା ।

କେହି ସରି ନୁହେଁ ମୁଡ କୁରାକେ
ଖୁସି ଦେଇଛେ କାନ ତରାକେ ।
ଚକେଇ କରି ବସି ଦେଇଛେ
ହଲେଇ ଗେହ୍ଲେଇକଥା କହୁଛେ ।
ପିତଲ କାଠର ଚାନ୍ଦିଆ ମାନ
ଦୁଇ ପଏସିଆ ସବକେ ସାନ ।
ଜୁଡା ବୁରି ସୁରଷୋ ବରେଇ
ରୋଜ ପେରିଛେ ସରେଇ ସରେଇ ।
ଗହକି ଗଲେ ତେଲେନ ପାଶ
ତେଲେନ ବଲେ ନେବ ଆସ ।
ଭଲ ମିରତେଲ ଛାଏ ଦିଶୁଛେ
ଯେତକି ନେବଲୋ ତେତକି ଅଛେ ।
ଗହକି ବଏଲେ ଭଲ କହୁଛୁ
ତୁଇ ଡୁରିତେଲ ମିଶେଇ ଦେଇଛୁ ।
ତମର ଜୀବକା ତମକୁ ଉତମ
ତେଲ ଦିଶୁଛେ ହଲଦି ରକମ ।
ପାଁଚ ପଏସା ମାନକେ ନେବୁ
ହିଟା ମାଠୁଲ ନାପି ଦେବୁ ।

ଶୁନଲା ତେଲେନ ଗହି ଟୁଁଡ
ବାସି ପଖାଲେ ବୁରୋଗୁଁଡ ।
କେତେ ନେବୁ କହ ବଏଲା
ପସରା ଭିତରୁ ମାନ ଧଏଲା ।
ଧସ ମାନକେ ତେର ଅନା

ଦୁଇ ପଏସା ତହିଁର ଊନା ।
ତେଲି ପସରା ଏତକି ହେଲା
କହେ ଲଏଖନ ବାମହନ ପିଲା ।
(ଲେଖା ସମିଆଁ ୧୯୧୦ –୧୯୨୦)

ବାଲାଜି ମେହେର ଆର ଲଖମଣ ପତିକର ପସରା କବିତାମାନେ ସଂଚାର ନାଚ ବେଲକେ ଗାହାକ ମାନେ ଗାଇ ଗାଇ ନାଚୁଥିଲେ । ସେଥିର ଲାଗି ଇ କବିତାମାନକର ପହେଲା ନୁ ସୁନ ସୁନ ରେ ପାଲିଆ ଭାଇ ନୁ ମୁଳ ହେଇଛେ ।

## ମୌଲାନା ମୁସ୍ତକିମ ଖାଁନ ଗୌନ୍ତିଆ

ବାଲାଜି ଆର ଲଖମଣଂକର ଆର ଝନେ ସମସାମଇକ ଥିଲେ ମୌଲାନା ମୁସ୍ତକିମ ଖାଁନ ଗୌନ୍ତିଆ । ସେ ବି ପସରା କବିତା ସୈଲିରେ ତୁରି ପସରା ଲେଖିଥିଲେ । ତାକର ଜନମ ଝାରସୁଗଡା ଜିଲା ଲଖନପୁର ପାଖର ରେମତା ଗାଁ ନ ହେଇଥିଲା ।

**ତୁରି ପସରା**

ତୁରି ତୁରିଏନ ପସରା ଧରି
ହାଟକେ ଗଲେ ଯୁଗାଡ କରି ।
ତୁରିଏନ ମାଏଝି ବାଲ ଭୁରସି
ପାଏନ ଦେଇ କରି ରାଁପି ଦେଇସି ।
ମୁଠେ ଚାଉଁରୀ ବାଲେ ଭରି
ମାନ ଏଡେ ଖୁସା ଦେଇଛେ ପାରି ।
ପିଠି ପାରେ ଛୁଆ ଭିଡି ଦେଇଛେ
ଅଁଟାକେ ହଲେଇ ଚାଲି ଯଉଛେ ।

ଟୁପଲି ଭୁଗଲି ଚାଉଲ ଧୁଆ
ସାକୁସ ପେରୀ ଝାଁପି ଡାଲିଆ ।
ଝାଁପ ଝପଲି ଶାଗ ଛଟନୀ
ଛଟନା ଡଲା କୁଲା ଚାଲନୀ ।
ତଲେଇ କୁଲେଇ କୁଁଡଲି ଟୁପା
ଖଲେଇ ମୁଖୀ ଡୁଆ ଖଏଡକା ।
ଝାପ ଗେଡୁଆଁ ତୁନ ପରସା
ଅନକା ବୁହିଛେ ଗୁଛା ଗୁଛା ।
ଖଟ ଖଟଲି ଝୁରି ପେଟାରୀ
ତୁଲଂଗୀ ଛତା ଛତୁର କରି ।
ମାଗଲେ ଗହକି ହେଇ ରୁଁଡ
ନାଇଁ ପଟେ ବଲି ହଲାସି ମୁଁଡ ।
ଯାର ମନକେ ଯେନଟା ହେଲା
ବାଛିକୁଛି ନେଲେ ମୁସ୍ତକିମ କହେଲା ।

(ଲେଖା ସମିଆ ୧୯୨୦-୧୯୨୫)

**କବି ଚିନ୍ତାମଣି** (୧୮୭୩-୧୯୪୩) ସୋନପୁର ଜିଲା, ବିରମାହାରାଜପୁର ପାଖର ଅଚଣ୍ଡା ଗାଁ ନ ଜନମ ହେଇଥିଲେ । ସେ ବିହା ବରପନ, ନଚନିଆ, ଡାଲଖାଇ, ରସରକେଲି, ଜାଇଁଫୁଲ, ମାଏଲା ଜଡ, ଦୁଲିଗିତ, ହଲିଆ ଗିତ, କରମା ଗିତ ଆଦି ଲେଖିଛନ । ତାକର ଗିତମାନେ ରେଢାଖୋଲ, ବଉଦ, ଆଠମଲ୍ଲିକ, ବିରମାହାରଜପୁର, ବରଗଡ, ସମଲପୁର ଆର ବାମଡା ଆର ଆସାମର ଚା-ବଗିଚାରେ ବି ଲୋକ ଗାଏବାର ପ୍ରମାଣ ମିଲିଛେ । ତାକର ପିଣ୍ଡବ୍ରହ୍ମାଣ୍ଡ ସ୍ୱରୁପ ଲେଖାଟା କବି ଜତନକର ଭୁଲାମନ ଚଉତିସା ଢାଁଚା ଥି ଲେଖା ହେଇଛେ ।

**ପିଣ୍ଡବ୍ରହ୍ମାଣ୍ଡ ସ୍ୱରୁପ**

ଚୁରନି ଗାଇ ଚମକୁ ଥାଇ
ଚାରିଆଡେ ଗଲା ଚୁରାଇ ଖାଇ
ଚାରଟା ପାଁଚଟା ଚରୁହା ଥାଇ
ଚୋର ପସିଗଲା ଧାଆଁରେ ଭାଇ
ହଂକି ଭୁଲା ମନରେ
ଚେତା ହୋଇ, ଘରେ ଥିବୁ ଶୋଇ ଯେ । ୧ ।

ଛନ ଛନକେ ଛଇଲି ବାଘ ପିଲାକେ
ଛୁରକି ନେଇଣ ହାନୁଛୁ ବେଁକେ
ହଇକି ଭୁଲା ମନରେ
ଚୁଁଟା ମାରିଥା ଡେବରି ନାକେ ଯେ । ୨ ।

**( ଲେଖା ସମିଆଁ ୧୯୦୦ -୧୯୧୦)**

**ଗଂଗାପ୍ରସାଦ ପଣ୍ଡା** (୧୮୯୮, ଜାନୁଆରି ୨୧) ପୃଥ୍ୱୀରାଜ ହାଇସ୍କୁଲ ନ ସିଖ୍ୟକ ଥିଲେ ଆର ପାଟଣା ଦୀପିକା ଆର ଚତୁରଂଗ ଦୁହି ପତ୍ରିକାର ସଂପାଦନା କରୁଥିଲେ । ତାଂକର ପ୍ରସିଦ୍ଧ କବିତା ବର୍ଷା ଆହ୍ୱାନ ୧୯୩୭ ରେ ପାରିଜାତ ପତ୍ରିକାରେ ବାହାରିଥିଲା । କବି ତାକର ୪୪୭ଟା କବିତା ର ପାଣ୍ଡୁଲିପି ସଂଗିତ ପ୍ରସାଦ ନାଁଥି ନିଜର ହାତେ ଲେଖିଜାଇଛନ । ଇ ପାଣ୍ଡୁଲିପି ୧୯୨୭ ମସିହା ରେ ବନେଥିଲେ ।

*ସାକେତ ତ୍ରିଭୁବନ ସାହୁ*

## ବର୍ଷା ଆହ୍ୱାନ

କଜଳ କଳିଆ  ପାଗଳ ବାଦଲ ମାନ୍ଦଳ ବଜାଇ ବଜାଇ
ଦୁଲକି ଦୁଲକି ଚମକି ଚମକି  ବିଜଲି ନଚାଇ ନଚାଇ
ଝୁପୁର ଝାପୁର ଟୁପୁର ଟାପୁର ବରସ ଅଛରା ଅଛରା
ଡହକ ବିକଳ ବଡା କଲବଲ କଲାନ ଜେଠର ଖରା ।
ସହି ଖରାତରା ଦରମରା ଧରା ନାହିଁତ ଶୋଭାର ପଶରା
ସଭିଏଁ ଉଛନ ରଡି ଛାଡୁଛନ ତତେ କରିଛନ ଆଶରା
ଆରେ ବରସା ଚଷାର ଭରସା ଦରଦର ଦେ ବରସି
ମାଖନ ଝୁନଗା ବନକ ମୁନଗା ଲହମନ୍ଦା ପଡୁ ଲହଁସି
ଚଁପା ଚମେଲୀ ମଲ୍ଲି ଶିରଲି କଦମ କୁନ୍ଦ ଫୁଲ
ଗାଧିପାଧିକରି ଉଜଲ ଦିଶବେ ଖେଲବେ କରବେ ଗେଲ
ଶାଗୁଆ ଘାସର ଗାଲିଚା ଉପରେ ସାଧବ ଘରର ବହୁ
ଲାଲ ଜରଜର ପାଟଲୁଗା ପିନ୍ଧି ଲାଜେ ତରତର ହେଉ
ବନ୍ଧକଁଟା ମୁଡା ଢୁଡାମାରୁଟୁଡା ଯୋର ନଦୀନ୍ଯାଉ ଉଛଳି
ନୂଆଁ ପାନିପାଇ ଡେଗି ଡେଗିକରି ବେଂଗଝୁରି ପଡୁନ ଉପଲି
ଟିକରା ଟାଂଗର ଜଂଗଲ ଡଂଗର ପାହାଡ ପରବତ ଖୋଲ
ଡାହିର ଟିପିଥୁଁ ଡାହୁକ ଡାକବା ମୟୁର କରବା ନାଟ
ଖୁଲଖୁଲହସି ଧରତୀ ରାନିରେ ପିନ୍ଧବା ଶାଗୁଆ ପାଟ
ରାମଲଇଖନ ଗଲେ ମୃଗ ମାରି ଗାଏବା ଆଗର ହଲିଆ
ଅରତତ କରି ପଛର ହଲିଆ ଧରବା ଗୀତର ପାଲିଆ
ଚରୁହା ପିଲେ ଖେଲବେ ମଉଜେ କେଲିବାଡି ଡାହି ମାକଡି
ବୁଢା ପୁରାତନ ଅଲସୁଆ ଯାକ ଖେଲବେ ଅଠର ବାଗଡି
ଛପଲ ଛାପଲ କାଦୋଚିଖଲ ଗିଲଗିଲ ଅନ୍ଧାର କରି
ଆରେ ବରଷା ହସା ଏ ରସା ନାଇଁ କର ଆଉର ଡେରି ।

**କପିଲ ମହାପାତ୍ର**

କପିଲ ମହାପାତ୍ର ଥିଲେ ଗଂଗା ପ୍ରସାଦ ପଣ୍ଡାକର ସମସାମଇକ । ସ୍ରି ମହାପାତ୍ର ସାରଂଗଗଡ ଦରବାର ର କବି ଥିଲେ । ସେ ଗଁଲିଆ ରାମାୟଣ ଲେଖିଥିଲେ ଆର ଗାହାକ ହିସାବେ ଗାଁ ଗାଁ ବୁଲି ଲୋକର ମନୋରଂଜନ କରୁଥିଲେ । ଗଁଲିଆ ରାମାୟଣ ର ଲେଖବାର ସମିଆଁ ୧୯୨୦-୩୦ ବଲି ଗବେସକ ମାନେ ମତ ଦେସନ ।

**ଲାଲ ସିବନାରାୟଣ ଦେବ** (୭/୨/୧୮୭୭-୧୯୫୮) ହଉଛନ ଖଡିଆଲ ରଜା ବିର ବିକ୍ରମ ଦେବ କର ସାନ ଭାଏ । ଖଡିଆଲ ଅଂଚଲରେ ୧୯୪୦ ଆଘୋନୁ ଜେନ ସବୁ ଲେଖା ଥିଲା ସେ ସବୁକେ ଲାଲ ରୁଦ୍ରମାଧବ ଦେବ ଆର ପଣ୍ଡିତ ପ୍ରୟାଗଦତ ଜୋଷୀ ସଁକଲିକରି ଖଡିଆଲ କୁସୁମ ବହି ଆକାରେ ଛାପୁଥିଲେ । ଲାଲ ସିବନାରାୟଣ ଦେବ କର ଚଇତ୍ରା କବିତା ବାହାରିଥିଲା ସେଥି । ୧୯୫୨ରେ ପ୍ରକାସିତ ହେଲା ଲାଲ ସିବନାରାୟଣ ଦେବ କର କାବ୍ୟ ଭୋଟର ଟାୟା ।

**ଚଇତ୍ରା**

ଇଟା ବଡେ ମସକୁଲ ରେ ଇଟା ବଡେ ମସକୁଲ
ଇ ଦିନେ ଦିଗୁନ ରଂଗ ରସିଆର
ହଉଥିସି ଗୁଲଗୁଲ ରେ ।।

ଖରା ନାଇଁ କି ସିତ ନାଇଁ ଥିସି ସମତୁଲ
ଝରନ ପାଏନ ପଖନେ ନାଚି ଗାଏସି କୁଲକୁଲ
ଲଟି ଲଟିନେ ଚୁଲି ଟେକି
ଡାକୁଥିସି ବୁଲବୁଲ ରେ ।୧।।

କଁଲି ପତର ହାତ ମଲକେଇ ଗଛ ଲହ ମାନେ ହଲି
ରଜା ରାନି ଆସବେ ବଲି କରସନ କେଲି

ରସଦ କାସଥେ ତୁମେର ଗମେର
ଥିପୁଥିସନ ମହୁଲ ରେ ।। ୨ ।।

୧୯୪୨ରେ ବଲାଂଗିର ରେ କୋସଲ ସାହିତ୍ୟ ସମ୍ମିଲନି ଉଜୁକ ହେଇଥିଲା । ଇ ସମ୍ମିଲନିରେ ଲିଖିତ ପଦ୍ୟ ହଁକାବାଦି ହେଇଥିଲା । ସେ ହଁକାବାଦି ଥି ପରିକ୍ଷିତ ଖଣ୍ଡୁଆଲକର ମୋର ଘର ସୁନା ପଦକ ଜିତିଥିଲା । କବିତା ଟା ଅକ୍ଟୋବର ୨୯ ୧୯୪୨ରେ ପାଟଣା ଦିପିକା ରେ ବାହାରିଥିଲା ।

ପରିକ୍ଷିତ କର ସମସାମଇକ ଆର ଦୁଇ ଝନ ହେଲେ **ସ୍ରିଧର ଉଦଗାତା, ଆର ଦିବ୍ୟସିଂ ନାଏକ ।** ଉଦଗାତା ୧୯୪୦ ଆଡକେ ବାଟ ପଡିଛେ ଆଡି ତଲେ ତଲେ ଲେଖିଥିଲେ ଆଉ ନାଏକ ୧୯୩୦ ଆଡକେ ।

୧୯୪୫ ଆଡକେ ବିଧୁଭୁସଣ ଗୁରୁ ହିସାବେ ଆର ଝନେ କୋସଲି ସାହିତିକ ବାହାରଲେ ପସ୍‌ଚିମ ଓଡିସା ନ । ତୁସରା ବଲାଂଗିର ର ମୁଲ ନିବାସି ଆକସବାଣି କଟକ ନୁ ୧୯୪୮ ରେ ଗିତିକାର ହିସାବେ ସ୍ୱିକୃତି ପାଇଥିଲେ ଆର ରମାଇ ହାଇସ୍କୁଲ ପାଟଣାଗଡ ନ ସିଖ୍ୟକ ଥିଲେ । ତାକର ଲେଖାମାନେ ବନସ୍ରି କବିତା ସଂକଲନ ଥି ବାହାରିଥିଲା ।

ବିଧୁଭୁସଣ ଗୁରୁକର ସାହିତ୍ୟ ସାଧନା ଥି ଅନୁପ୍ରେରିତ ହେଇ ତାକର ଝନେ ଛାତ୍ର **ଇନ୍ଦ୍ରମଣି ସାହୁ** କୋସଲି ଥି ଲେଖବାର ମୁଲ କରିଥିଲେ । ସେ କୋସଲି ରାମାୟଣ ଲେଖିଥିଲେ ଆର ସେଥିର ଲାଗି ତାହାକୁ କୋସଲ ବାଲ୍ମିକି ଉପାଧି ମିଳିଥିଲା । ୧୯୫୦ ରେ ବାହାରଲା ତାକର କୋସଲି କବିତା ସଂକଲନ କୁରେଫୁଲ କେ କୋସଲି ର ପହେଲା କବିତା ସଂକଲନ ବଲି ଧରାଜାଏସି । ୧୯୫୩ରେ ଫେର ଇନ୍ଦ୍ରମଣି ସାହୁଂକର କବିତା ସଂକଲନ ଝାରମଲି କୋସଲ କଲାମଂଡଲ ପ୍ରେସ ବଲାଂଗିର ନ ଛପା ହେଇ ବାହାରିଲା । **୧୯୫୪ରେ ଇନ୍ଦ୍ରମଣି ସାହୁ କର** ତିସରା କବିତା ସଂକଲନ **ଚସା କର ଭରସା** ବାହାରଲା ।

୧ ୯ ୪ ୦ ମସିହା ଆଡକେ ପଦମପୁର ଅଂଚଲର ଚଇତନ୍ୟ ପୁରୋହିତ ରଚନା କରିଥିଲେ **ଭିମ ଚରିତ** କେ ଆଧାର କରି କୋସଲି କବିତା ।

**ବସ୍ତର ହରଣ** ଲେଖିଥିଲେ **ଧନେସ୍ୱର ମହାପାତ୍ର** । ୧୮୯୪ ମସିହାରେ ସେ ଭଟଲି ଅଂଚଲର ସୁକଡା ଗାଁ ନ ଜନମ ହେଇଥିଲେ ଆର ୧ ୯୮୫ ମସିହାରେ ପରାଣ ଛାଡିଥିଲେ ।

ଆର ଝନେ ସ୍ୱାଧିନତା ଆଘୋର କବି ହେଲେ **ମାୟାଧର ସେଠ** । ସେ **ଭଜୁଆ** କବିତା ର କବି । ପଦମପୁର ପାଖର ଆର ଝନେ କବି **ପର୍ସୁରାମ ଝରା** ସ୍ୱାଧିନତା ଆଘୋନୁ ଲେଖିଥିଲେ **ଟେରେ ବିହା** କବିତା । ସେ ବେଲକେ **ଚଇତନ ଦାସ** ବଲି ଆର ଝନେ କବି ଲେଖିଥିଲେ **ଚଢେଇ ଚଉତିସା** । ସ୍ୱାଧିନତା ଆଘୋର କେତନିଟେ ବେନାମି କବି ର ଲେଖା ଭିନେ ଭିନେ ଗବେସକ ଆର ସଂଗ୍ରାହକ ସଁକଲିକରି ସପ୍ତର୍ଷିରେ ଛାପିଥିଲେ ସେଟା ମାନେ ହେଲା ଦଣ୍ଡନାଟ ଗିତ, ସବରିର ନାଁ ଦିଆ, ସୁନ୍ଦର, ହରିହାଟ ଆଦି ।

# ୭

# ସ୍ୱାଧିନତା ର ଉତାରୁ

ଦେସ ସ୍ୱାଧିନ ହଉଥିଲା । ସ୍ୱାଧିନତାର ପରେ ପସ୍‌ଚିମ ଓଡିସାରେ ଛାପାଖାନା ମାନେ ବସି ସାରିଥିଲା ନ ଆର କୋସଲି ସାହିତ୍ୟ ରଚନା ଜାରି ରହିଥିଲା ଆର ଗତି ଆଘୋର ନୁ ତେଜ ହେଇଥିଲା ।  ଦେସେ ରାଜନିତିକ ଆର ସାମାଜିକ ପରିସ୍ଥିତି ବଦଲୁଥିଲା । କୋସଲି ସାହିତ୍ୟ ରେ ବି ଗୁଟେ ନୁଆଁ ପନ ନେଇ କବି ଲେଖକ ମାନେ କଲମ ଚଲେଇଥିଲେ ।  ଇ ନୁଆଁପନ ଥି ସମାଜ ର ନଂଗଲା ଚେହେରା କେ ଚିତରେଇଥିଲେ । ସମାଜ ର ବାସ୍ତବ ସତ କେ ଦେଖେଇଥିଲେ । ସ୍ୱାଧିନତା ପରେ ପରେ ୧୯୪୯ ମସିହାରେ ନାଁ କରା କବି **ଖଗେସ୍ୱର ସେଠ** କର **ପଏରଛା ସତି** ଆସଲା ।

୧୯୫୩  **ସତ୍ୟନାରାୟଣ ବହିଦାରକ**ର କବିତା ସଂକଲନ **ସ୍ରିପଂଚମି** ବାହାରିଲା ସମଲପୁର ମେହେର କବି ପ୍ରେସ ନୁ ।

୧୯୫୯ରେ ବାହାରଲା କବି ସସିଭୁସଣଂକର ଲମ୍ୱା କବିତା **ରଖ ମାଁ ପଲସା ଗୁଛା ।**

କୋସଲି ଭାସାରେ ସାହିତ୍ୟ ଗଢବାର ତହଁକ ଆର ବଢିଛେ ଥିଲା । ଜେତକି ନୁଆଁ ସାହିତିକ ଆସିଛନ ସେତକି ନୁଆଁ ସାହିତ୍ୟ ଆସିଛେ କୋସଲି କେ । ଇ ସମିଆଁରେ କୋସଲି ଭାସା ଲାଗି ମଚାନ ବନିଛେ ଭିନ ଭିନ ସାହିତ୍ୟ ପତରିକା । ୧୯୬୫ – ପଂଚମୁଖି ପତ୍ରିକା ବାହାରଲା  । ଇଥି କୋସଲି ଲେଖାମାନେ ବାହାରଲା । ୧୯୭୪ରେ ଅବଗାର କୋସଲି ଭାସାର ଲେଖା ମାନକୁ ନେଇ ନୃପତି ଦେହରି କର ସଂପାଦନା ଥି ଝରନ ପତ୍ରିକା ବାହାରଲା । ତାର ପରେ ଇହାଦେ ତକ ପ୍ରାୟ ୮୦ଟା ପତ୍ର–ପତ୍ରିକା କୋସଲି ଭାସାରେ ବାହାରିଛେ ।

**ଇ ସମିଆଁର ଜେନ କବିତା ଚର୍ଚାକେ ଆସିଥିଲା ସେଟା ହେଲା**

**୧୯୫୧ ରେ ବାହାରଲା ସୁନାଧର ବାଗ କର କୋସଲ ଦେସେ ଦିନେ**

ବିରେନ୍ଦ୍ର ମିସ୍ର – ଅନୁଭୁତି ୧୯୫୬

**ନବିନ କିସୋର ମିସ୍ର – ଫୁଲର ସରି ମୁନୁସ ୧୯୫୬**

ଗୋପେନ୍ଦ୍ର ବାରିକ – ବରସା ମାସ ୧୯୫୬

୧୯୫୬ – ମୋତିଲାଲ ପଣ୍ଡାକର ସଂକଲନ – ଦର୍ପନ ବାହାରିଥିଲା

**୧୯୫୮- ରାଜାରାମ ମେହେର – କିଆ କହଡ (କଟକ ଧର୍ମଗ୍ରନ୍ଥ** ଷ୍ଟୋର)

୧୯୫୮- ସସିଭୁସଣ ମିସ୍ର ସର୍ମା –ସମଲପୁରି ରସକବିତା

ନାକଫିଡି ନନ୍ଦ – ଝାର, ଗଉଡପିଲା ୧୯୫୮

**ନରସିଂହ ପ୍ରସାଦ ନନ୍ଦ – ଝୁପୁର ଝୁପୁର ପାଏନ ବରସାର ବେଲେ ୧୯୫୮**

ମୁରାରି ପ୍ରସାଦ ମିସ୍ର – ଜାଇଫୁଲରେ ୧୯୫୮

ଚଏତନ ପାଏନଗିରି – କେତନି କେତେ ୧୯୫୯

ସ୍ୱାମି ବିସ୍ୱାମିତ୍ର ଭରଦ୍ୱାଜ – ଧାନଦୁଆ ୧୯୫୯

ଅଭିମନ୍ୟୁ ପଧାନ – ଅଗସ୍ଟ ପନ୍ଦର ୧୯୫୯

୧୯୫୯ – ଖେଲେରେ ଖେଲେ, ପାପିର ଡାକ – ବିରଂଚି ନାରାୟଣ ଦାସ

୧୯୬୦ ତକ ପ୍ରକାସିତ ହେଲା ୨ଟା କାବ୍ୟ ୧୦ଟା କବିତା ସଂକଲନ

ବାଂଛାନିଧି ମେହେର ଚସାପିଲା ମୁଇଁ ୧୯୬୦

୧୯୬୧ –୧୯୭୦ – ୧୦ ଟା ସଂକଲନ

୧୯୭୧-୧୯୮୦ – ୧୮ଟା ସଂକଲନ

୧୯୮୧ –୧୯୯୦ – ୪୦ଟା ସଂକଲନ

୧୯୯୧-୨୦୦୦ – ୬୬ଟା କାବ୍ୟ/କବିତା ସଂକଲନ

ସତୁର ଦସକ ଆଡକେ କୋସଲି ସାହିତ୍ୟ କେ ଧରିଛେ ଆଧୁନିକତା । ଦେସ୍‌ର ରାଜନୈତିକ ଦୃସ୍ୟପଟ ବଦଲିବାର ସାଂଗେ ସାଂଗେ ଦେସ ବିକାସ ର ବାଟେ ବଢିଚାଲିଥିଲା  ଆର କୋସଲି ବି ସେ ବାଟେ ପଛେ ପଛେ ଲମିବସିଥିଲା ।

ଅଧ୍ୟାପକ ଜୟଦେବ ତନସନା କର ୧୯୭୮ରେ ବାହାରିଥିବାର ୟୁଲିସିସ ଆର ସାଲେଗ୍ରାମ କବିତା ସଂକଲନ କେ କୋସଲି ଭାସାର ପହେଲା ଆଧୁନିକ କବିତା ସଂକଲନ ବଲି ଧରାଜଉଛେ ।

ଇତାର ପରେ ପରେ କୋସଲି-ଭାସା ସାହିତ୍ୟର ପ୍ରଚାର ପ୍ରସାର ଜୋର ଧରିଛେ ଆର କେତନି କବି ଲେଖକ ଆଗକେ ଆସିଛନ କୋସଲି ର ସେବା କରବାର ଲାଗି ।

ସେ ସମିଆଁରେ କୋସଲି ଭାସାରେ ବ୍ୟାକରଣ ଲେଖବାର ଲାଗି ଚର୍ଚା ହେଇଛେ, ଅଭିଧାନ ଲେଖବାର ମୁଳ ହେଇଛେ, କଥାନି ଆର ପ୍ରବନ୍ଧ ସାହିତ୍ୟ ବି ବାହାରିଛେ । ଇ ସମିଆଁ ରେ ହିଁ ପସଚିମ ଓଡିସାର ଭାସାର ନାମକରଣ କେ ନେଇକରି ମୁଳ ହେଇଥିଲା ଚର୍ଚା ।

ଜେନ ବଡେଟେ ଅଂଚଲ ନେ ଇ ଭାସା ଫଏଲିକରି ବେଭାର ହଉଛେ, ଜାଗା ଜାନିକରି ଭିନେ ଭିନେ ଅଂଚଲ ନ ଇତାର ଭିନେ ଭିନେ ନାଁ ଅଛେ ଜେନ୍ତା ଖଡିଆଲ ଅଂଚଲ ନ 'ଖର୍ଡିଆ', କଲାହାଣ୍ଡି ଅଂଚଲ ନ 'କଲାହାଣ୍ଡିଆ', ଆର ସମଲପୁର-ବରଗଡ-ଝାରସୁଗୁଡା ଆଡେ "ସମଲପୁରି" ବଲୁଥିଲା ବେଲକେ ଇ ସବୁ ଅଂଚଲ ନ ଇହାଦେ ଇ ସବୁ ନାଁ ର ବଦଲା "କୋସଲି" ନାଁ ଟା ଜୋରସୋର ଫଏଲୁଛେ ।

୧୯୪୨ ମସିହାରେ କୋସଲ ସାହିତ୍ୟ ସମ୍ମିଲନି ଉଜୁକ ହେଇଥିଲା (ସ୍ୱତଂତ୍ର ପାଟଣା (ବଲାଂଗିର) ସ୍ଟେଟ ଥିଲା ସେ ବେଲକେ) ଆର  କୋସଲ ବାଲ୍ମିକି ଇନ୍ଦ୍ରମଣି ସାହୁ ତାକର ରାମାୟଣ କେ "କୋସଲି ରାମାୟଣ" ନାଁ ଥି ନାମିତ

କରବାର ଟା ଗୁଟେ ପ୍ରକାର ପ୍ରମାଣ ବଲି ଧରାଜେଇପାରେ ଜେ କୋସଲି ନାଁ ର ପ୍ରଭାବ କି ପ୍ରଚଲନ ପାଟଣା (ବଲାଂଗିର) ବାହି ନ ଥିଲା । ଠିକ ସେନ୍ତା ସମଲପୁର ଟା ଇ ବାହିର ସବୁ ନୁ ବଡ ଆର ମହତ୍ୱପୁର୍ଣ୍ଣ ସହର ହିସାବେ ମୁଡ ଟେକିଥିଲା ନ । ଆର ଲୋକ ଇ ସାରା ଅଂଚଲ (ଇହାଦେର ପସଚିମ ଉଡିସା) କେ ସମଲପୁର ଅଂଚଲ ବଲି ଭି  ଚିହ୍ନି ବସିଥିଲେ ନ ଆର ଇହାଦେ ତକ ବି "ସମଲପୁର" ଆର "ସମଲପୁରି" ଇ ଅଂଚଲ ଲାଗି ଗୁଟେ ପେହଚାନ ର ଚିହ୍ନା ବନି କରି ଅଛେ ।

ଇ ଅଂଚଲର ଭାସାର ନାଁ ଟା ସମଲପୁରି ବଲିକରି ଫଏଲିବାର କାରଣ ହଉଛେ ସମଲପୁର ନ ଥିବାର ଆକାସବାଣି କେନ୍ଦ୍ର ଜେନ କି ଧିରେ ଧିରେ କରି ଅଂଚଲର ଗିତ, ନାଚ, ସଂସ୍କୃତି ଆର ଭାସା କେ ସମଲପୁରି ନାଁ ଥି ନାଁ ଦେଇ ବସିଥିଲା । ଆର ଜଦି ବି କଲାହାଁଡି ଆର ଖଡିଆଲ ଅଂଚଲର ଭାସାର ନାଁ "କଲାହାଁଡିଆ" କି "ଖର୍ଡିଆ" ବଲି ଇହାଦେ ବି କହେସନ ହେଲେ ବି ସେ ଅଂଚଲ ସମଲପୁର ଅଂଚଲ ନୁ ଛୋଟ ହେଇଥିବାର ଲାଗି "ସମଲପୁରି" ପଦ ଟା ରାଜ କରିଛେ । ହେଲେ ଅଚାନକ ଫେର କୋସଲି  ପଦ ଉଭରିବାର କାରଣ ବନଲେ ଖଡିଆଲର ପଣ୍ଡିତ ପ୍ରୟାଗଦ□ ଜୋଷୀ ।

୧୯୮୨ ମସିହା ନ ପଣ୍ଡିତ ଜୋଷୀଂକର "ସପ୍ତର୍ଷି" (ସମ୍ବଲପୁର ୟୁନିଭର୍ସିଟି ନୁ ପ୍ରକାସିତ) ଥି ପ୍ରକାସିତ ପ୍ରବଂଧ "ସ୍ୱତଂତ୍ର କୋଶଲୀ ଭାଷା" ଚହଲେଇ ଦେଇଥିଲା ଅଂଚଲର ସବୁ ବୁଦ୍ଧିଜିବି ମାନକୁ । ସେନୁ ମୁଲ ହେଲା "କୋସଲି-ସମଲପୁରି" ଝଗଡା । କୋସଲି ନାଁକେ ସମର୍ଥନ କରି ଡ ଦୋଲଗୋବିନ୍ଦ ବିଶୀ ଆମର ଭାସାର ବ୍ୟାକରଣ ବହି "କୋଶଲୀ ଭାଷା ସୁନ୍ଦରୀ" (୧୯୮୪) ଲେଖଲେ, "କୋଶଲ ଶ୍ରୀ" (୧୯୮୮) ତିନ ମାସିଆ ପତ୍ରିକା ଛାପଲେ । ସେ ସାଂଗେ ପଣ୍ଡିତ ଜୋଷୀକର ଅନୁଷ୍ଠାନ "କୋଶଲୀ ଭାଷା ସାହିତ୍ୟ ପରିଷଦ" ତର'ନୁ "କୋଶଲ ଭାରତୀ" ପତ୍ରିକା ବାହାରଲା । ବଲାଂଗିର ନୁ ଭି କେତନି ସମାନ ମନୋଭାବର ଲୋକ ମିସଲେ "କୋସଲି" ପଦ କେ ସମର୍ଥନ କରବାର ଲାଗି ।

ତେତକେ ପଣ୍ଡିତ ଜୋଷୀକର ବିଚାର କେ ବିରୋଧ କରି ଠିଆ ହେଲେ ଗୁଲୁଣ୍ଡା (ସମଲପୁର) ନୁ ଡ. ନୀଲ ମାଧବ ପାଣିଗ୍ରାହୀ । ସେ "ନିସାନ" ପତ୍ରିକା ବାହାର କରାଲେ ଆର ୪ ନମର ସଂଖ୍ୟାକେ "ପଶ୍ଚିମ ଓଡିଶାର ଭାଷାର ନାଆଁ ସମଲପୁରି" ବଲି ନାଁ ଦେଲେ ଆର ସେଥି ଜୋଷୀ ଆଗ୍ୟାଁକର ପ୍ରବଂଧକେ କାଟବାର ଲାଗି ଜେନ ପ୍ରବଂଧ ଲେଖଲେ ତାର ନାଁ "ସମଲେଶରୀ ବନାମ କୋଶଲେଶରୀ" ଦେଲେ ।

କୋସଲି-ସମଲପୁରି ଝଗଡା ତେତକର ବନେ ତେଜଲା । ସେସକେ ଡ. ପାଣିଗ୍ରାହୀ ଇ ଝଗଡାର ଫଏସଲା କରବାର ଲାଗି ସମଲପୁରେ ଗୁଟେ ସଭା ଡାକିଥିଲେ ୨, ୩ ଜାନୁଆରି ୧୯୯୩ ଥି । ସେନ ମଝମଝକିଆ ବିଚାର ଟେ କରି "କୋସଲି-ସମଲପୁରି" ଲେଖବାର କେ ଫଏସଲା ସିନେ କରାହେଲା ହେଲେ ଇ ଝଗଡା ଟା ଆଏଜ ଭି ଅଛେ । ହେଲେ କୋସଲି ପଦ ବଛର ଦୁ ହେଲା ବନେ ଜୋର ଧରିଛେ ଫଏଲିବାର ଥି ଆର ଧିରେ ଧିରେ ସଭେ ଗ୍ରହଣ ଭି କରିବସୁଛନ । କଲାହାଁଡି ଆର ଖଡିଆଲ ନ ଭି କୋସଲି କେ ସ୍ୱାଗତ କରୁଥିଲା ବେଲକେ ସମଲପୁର-ବରଗଡ-ଝାରସୁଗୁଡା ଅଂଚଲ ନ ଟିକେ ସମଲପୁରି ପଦ ର ଦବଦବା ଅଛେ । ଇଟା ସ୍ୱାଭାବିକ ଆଏ; ଏତେ ବଛରର ଅଭ୍ୟାସ ଏତେ ସହଜେ ଏକେ ପାରେକେ ନେଇଁ ମେଟେ ।

ସରକାରି ମାନ୍ୟତା କେ ଦେଖବାର କେ ଗଲେ ଭାରତ ସରକାର ଦ୍ୱାରା ଚଲୁଥିବାର ରେଜିସ୍ଟ୍ରାର ଅ' ନ୍ୟୁଜ ପେପର୍ସ 'ର ଇଣ୍ଡିଆ (Registrar of Newspapers For India) ଏଭେ ଏଭେ ପୁରାପୁରି ଭାବେ "କୋଶଲୀ" ବଲିକରି ତାର ଭାଷା ତାଲିକା ଥି ଦେଖାସି ଜେନଟାକି ବଛରେ ତଲେ "ଓରି-କୋଶଲୀ" ବଲି ଆସୁଥିଲା ଆର ସମ୍ବିଧାନର ଅଷ୍ଟମ ସୂଚୀରେ ତାଲିକାଭୁକ୍ତ ହେବାର ଲାଗି ଜେନ ୩୮ ଟା ଭାଷା ପାର୍ଲିଆମେନ୍ଟର ଦୁଆର ନ ଅଟକିଛନ ସେ ଭିତରେ ଭି "କୋଶଲୀ" ଜୁଗି କରି ଅଛେ ।

୧୯୯୧ ଆଡକେ ହଲଧର ନାଗ ଆସଲେ କୋସଲି କାବ୍ୟ ସାହିତ୍ୟ ଜଗତକେ । ଇ ସମିଆଁରେ ଏଖା ନିଲ ମାଧବ ପାଣିଗ୍ରାହି ଆସିଛନ । ସେ ନିଶାନ ପତ୍ରିକା ସଂପାଦନା କରୁଥିଲେ । ସଂଗିତ ଆର ସଂସ୍କୃତରେ ଭାସାରେ ଗୁହେର ଗ୍ୟାନ ଥିଲା । ସେ କୋସଲି ଭାସା ଥି ମାହଭାରତ ଲେଖିଛନ ଆର ହେମଚନ୍ଦ୍ର ଆଚାର୍ଯ୍ୟ ତାକର ନୁ ପ୍ରେରଣା ପାଇକରି ରାମରାହା ଲେଖଲେ ।

ହେଲେ ଗୁଟେ ଚନା ବିକୁଥିବା ସାଧାରଣ ଲୋକ ଅସାଧାରଣ କାବ୍ୟ ପ୍ରତିଭା ଲାଗି କୋସଲି ସାହିତ୍ୟ ର ଗୁଟେ ଦସକ ନୁ ଉପରେ ରାଜ କରି ଏଇଛନ । ତାକର କାବ୍ୟ ସବୁ ହଲଧର ଗ୍ରନ୍ଥାବଲି ନାଁରେ ୧୯୯୮ ମସିହାରେ ବାହାରଲା ଆର ତାକର କବିତା ସଂକଲନ ସୁରୁତ ନାଁରେ ବାହାରିଲା ।

ଇହାଦେ ର କୋସଲି ସାହିତ୍ୟ ରେ ସମକିର ନୁ ବେସି ପ୍ରସିଦ୍ଧି ପାଇଥିବାର କୋସଲି କବି ହଉଛନ ହଲଧର । ତାକର ନାଁ ରେ ବନବିଦ୍ୟାଲୟ ଅଛେ, ପାଠାଗାର ଅଛେ, ସଭା ମଂଡପ, ବିଦ୍ୟାଲୟ ବଖରା ଆଦି ନାମିତ କରାହେଇଛେ । ସେ ୩୦୦ ନୁ ଜହ ଅନୁସ୍ଥାନ ନୁ ସମ୍ମାନ-ସମ୍ବର୍ଦ୍ଧନା ପାଇଛନ । ତାହାଂକୁ ପଦ୍ମସ୍ରି ସମ୍ମାନ ବି ୨୦୧୬ ମସିହାରେ ମିଲିଛେ ।

ହଲଧର ଛନ୍ଧବନ୍ଧ ପାରଂପାରିକ କବିତା ଲେଖିକରି କେତନି ନୁଆଁ ଜୁଆନ କବିକୁ ପ୍ରଭାବିତ କରିଛନ ତାକର ଧାରାରେ ଲେଖବାରକେ । ହେଲେ ଇ ସମିଆଁରେ କୋସଲି ର ଆଧୁନିକ ଦିଗ ବି ବରକସ ହେତେଲ ଜେଇଛେ । ସିଖିତ ପଢାପିଲା, କଲେଜ ଅଧ୍ୟାପକ, ଆର ସଚେତନ ନାଗରିକ ମାନେ ବି କୋସଲି ଭାସାରେ ଲେଖବାର କେ କଲମ ଉଠେଇଛନ । ମଂଗଲୁ ବିସ୍ୱାଲ ଆର ଦ୍ୱାରିକା ନାଥ ନାୟକ କର ସଂପାଦନା ଥି ଭରନି, ଗୌରାଂଗ ପାଣ୍ଡେ କର ସଂପାଦନା ଥି ନୁଆଁସକାଲ, କିସୋର ସାହୁ କର ସଂପାଦନା ଥି ନୁଆଁ ଝରନ, ସାକେତ ସ୍ରିଭୁସଣ ସାହୁଂକର ସଂପାଦନା ଥି ବେନି ଆଦି ପତ୍ରିକା ବାହାରିଛେ ଆର କେତନି କବି ଲେଖକ କୁ ମଚାନ ଦେଇଛେ ।

୩୬ଟା କବି କେ ନେଇ ବନଲା କବି କୁଟୁମ୍ ଗ୍ରୁପ ଗାଁଗାଁ ବୁଲି କୋସଲି କବିତା ପାଠ କରିଛନ । ଇତାର ମୁଲିହାର ନିତିସ ଆଚାର୍ଯ୍ୟ ଥିଲା ବେଲକେ ହଲଧର ଥିଲେ ମେରଖୁଟା ।

ଇ ସମିଆଁକେ ପସଚିମ ଓଡିସାରେ କୋସଲି ଭାସାର ଚର୍ଚା ଜୋର ଧରିଛେ । ସଭା-ସମିତି ନ କୋସଲି ଭାସାର ସାମ୍ବିଧାନିକ ମାନ୍ୟତା ବିସୟ କଥା ଉଠିଛେ ଆର ଧିରେ ଧିରେ ଆନ୍ଦୋଲନ ର ରୁପ ନେଇଛେ । କୋସଲି ଭାସାରେ ତିନଟା ଜିନିସ କେ ନେଇ ସବୁ ନ ଜହ ଚର୍ଚା ହେଇଛେ; ୧) ବ୍ୟାକରଣ, ୨) ନାମକରଣ ୩) ସାମ୍ବିଧାନିକ ମାନ୍ୟତା ଆର ଘାଏ ଘାଏ ଭାସାକର୍ମି ମାନକର ଭିତରେ ମତଭେଦ ଥିବାର ବେଲକେ ଇଟା ଗୁଟେ ପରିବର୍ତନକାଲିନ (Transitory Phase) ସମିଆଁ ଆଏ ବଲି ବହୁତ କମ ଲୋକ ବୁଝି ପାରୁଥିଲେ ।

୨୦୦୦ ରୁ ଇହାଦେତକ କୋସଲି ସାହିତ୍ୟ ରେ ସମାନ୍ତରାଲରେ  ନାଟକ ଲେଖା ଆର ମଂଚନ ଚାଲିଛେ । ନାଟକ ହଁକାବାଦି ଆର ଉଛବମାନେ ଉଜୁକ ହଉଛେ । ପତ୍ରିକାମାନେ  ଲଗାତାର ବାହାରୁଛେ । କଥାନି ଆର ପ୍ରବନ୍ଧ ବିଭାଗ ବି ବନେ ଉବାଗର ହଉଛେ । କବିତା ର କଥା ହେଲେ ହଲଧର ନାଗ ଇହାଦେ ଫି ଦିନ ଗା ଗାଁ ସଭା ସମିତି କରୁଛନ । କବିତା ପାଠ ମାନେ ବି ନିଅମିତ ହଉଛେ । ହାସ୍ୟକବି ମାନେ ନିଜର ଛାପ ଛାଡିଛନ । ଆର ସମକିର ନୁ ବିସେସ ଚର୍ଚା କରବାର ଜରୁରି ବେଲେ ଆଧୁନିକ କୋସଲି କବିତା । ଆଧୁନିକ କବି ହିସାବେ **ଡ. ହରେକୃଷ୍ଣ ମେହେର,** ବଲାଂଗିର ର **ସଂଜୟ କୁମାର ମିଶ୍ର**(ମାରାଗୁଡା, ରାଏତ ସରତା ତମର ସାଂଗେ) କବି ଆର ସାମ୍ବାଦିକ **ଆନନ୍ଦ ଚନ୍ଦ୍ର ସାହୁ** । ତାଂକର କବିତା ସଂକଲନ ମାନେ ହେଲା ଇଟା ଭାଟିର ସକାଲ (୨୦୦୪), ତାର ଆସବାର କାହାକେ ଜନା (୨୦୧୦), ଭୋକ (୨୦୧୧), ଲମେଇଛେଁ ପାହା (୨୦୧୪) । ଝାରସୁଗଡା ର **କ୍ଷୀରୋଦ କୁଅଁର**କର  ପାହା ତଲର ଛାଏଁ ଆର  ନାଁ ଚର୍ଚା ହେଇଥିବାର ବେଲକେ କୋସଲି ଭାସା ଥି ନୁଆଁ ପରିଖ୍ୟା ନିରିଖ୍ୟା

ଆନିଛନ ଅଧ୍ୟାପକ **ସାସ୍ୱତ ସାହୁ** (ଟଁକା ଗଡୁ, ସପନ ର ଉକିଆ, ରାଏତ ଟେ ଗିତ ଟେ) ଆର **ସାକେତ ସ୍ରିଭୁସଣ ସାହୁ** (ପଦମ କହଁଡୋ ର ସପନ, ମେରିଆ ଆର ଜୁ) ।

ଇ କବି ମାନକର ବାହାରେ ଇହାଦେ ପ୍ରାୟ ୨ ଦର୍ଜନ ପାଖକେ ହାସ୍ୟକବି ନିଅମିତ ସୋ ମାନେ କରୁଛନ । ପତ୍ରପର୍ତ୍ରିକା କେ ଦେଖଲେ ପ୍ରାୟ ୫ ହଜାର କବି ଲେଖକ ଇହାଦେ କୋସଲି ରେ ଲେଖୁଥିବାର ଜନା ପଡସି ।